

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:178 25 October 2026 (Sunday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୧୭୮ ୨୫ ଅକ୍ଟୋବର ୨୦୨୬ (ରବିବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬


# ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ମାଷ୍ଟରପ୍ଲାନ



## ବିଶ୍ୱରଂଜନ ମହାନ୍ତି ମଣିପୁର ନିର୍ବାଚନୀ ୱାର ରୁମ ଅଧ୍ୟକ୍ଷ ନିଯୁକ୍ତ

ନୂଆଦିଲ୍ଲୀ,୨୪/୧୦: କଂଗ୍ରେସ ଆଗାମୀ ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପ୍ରସ୍ତୁତି ନିମନ୍ତେ ଦେଶର ୫ଟି ରାଜ୍ୟରେ ନିର୍ବାଚନୀ ୱାର୍ ରୁମ୍ ଅଧ୍ୟକ୍ଷ ନିଯୁକ୍ତ କରିଛି। ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏହି ନିଯୁକ୍ତିଗୁଡ଼ିକୁ ଅନୁମୋଦନ କରିଛନ୍ତି। ଦଳ ପକ୍ଷରୁ ଜାରି କରାଯାଇଥିବା ତାଲିକା ଅନୁଯାୟୀ, ଉନ୍ନର ପ୍ରଦେଶ, ପଞ୍ଜାବ, ଗୋଆ, ମଣିପୁର ଏବଂ ଉନ୍ନରାଖଣ୍ଡରେ ଭିନ୍ନ ଭିନ୍ନ ନେତାଙ୍କୁ ଏହି ଦାୟିତ୍ୱ ଅର୍ପଣ କରାଯାଇଛି। କଂଗ୍ରେସ ଦ୍ୱାରା ପ୍ରଦତ ସୂଚନା ମୁତାବକ, ଉନ୍ନର ପ୍ରଦେଶରେ ସଚିନ ଯାଦବଙ୍କୁ ନିର୍ବାଚନୀ ୱାର୍ ରୁମ୍ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ପଞ୍ଜାବରେ ପୂର୍ବତନ ଆଇଏଏସ୍ (ଓଇ୫) ଅଧିକାରୀ କନ୍ନନ ଗୋପୀନାଥନଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେହିପରି ଗୋଆରେ ଇମ୍ରୋଜ ଖାନ, ମଣିପୁରରେ ବିଶ୍ୱରଞ୍ଜନ ମହାନ୍ତି ଏବଂ ଉତରାଖଣ୍ଡରେ କୃଷନ ସାତ୍ରୋଡ଼ଙ୍କୁ ୱାର୍ ରୁମ୍ ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। ଏହି ନିଯୁକ୍ତିଗୁଡ଼ିକ ତତକ୍ଷଣାତ ପ୍ରଭାବରୁ କାର୍ଯ୍ୟକାରୀ ହେବ। ନିର୍ବାଚନୀ ୱାର୍ ରୁମ୍‌ର ମୁଖ୍ୟ କାର୍ଯ୍ୟ ହେଉଛି ନିର୍ବାଚନ ସମ୍ବନ୍ଧୀୟ ପ୍ରସ୍ତୁତିଗୁଡ଼ିକୁ ପରିଚାଳନା କରିବା। ଏହା ଜରିଆରେ ଦଳ ପ୍ରଚାର ପାଇଁ ଯୋଜନା ପ୍ରସ୍ତୁତ କରିଥାଏ ଏବଂ ବିଭିନ୍ନ ନେତା ତଥା କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ। ଏହାବ୍ୟତୀତ, ନିର୍ବାଚନ ସହ ଜଡ଼ିତ ସମସ୍ତ ତଥ୍ୟ ଉପରେ ସବୁ ପ୍ରକାରେ ନଜର ରଖିଥାଏ। ଏହି ନିଯୁକ୍ତିଗୁଡ଼ିକ ଜରିଆରେ କଂଗ୍ରେସ ଦଳ ଉନ୍ନର ପ୍ରଦେଶ, ପଞ୍ଜାବ, ଗୋଆ, ମଣିପୁର ଏବଂ ଉତରାଖଣ୍ଡ ରାଜ୍ୟଗୁଡ଼ିକରେ ନିଜର ନିର୍ବାଚନୀ ପ୍ରସ୍ତୁତି ଏବଂ ସଙ୍ଗଠନ କାର୍ଯ୍ୟକୁ ଅଧିକ ଭଲ ଭାବେ ପରିଚାଳନା କରିବାକୁ ଚାହୁଁଛି। ଆଗାମୀ ନିର୍ବାଚନ ପାଇଁ କଂଗ୍ରେସ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି। ଦଳ ଏପରି କୌଣସି ସୁଯୋଗ ହାତଛଡା କରିବାକୁ ଚାହୁଁନାହିଁ, ଯାହାଦ୍ୱାରା ସେମାନଙ୍କୁ କୌଣସି ପ୍ରକାରେ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ସେମାନେ ନିର୍ବାଚନୀ ୱାର୍ ରୁମ୍ ପାଇଁ ଏପରି ଅଭିଜ୍ଞ ବ୍ୟକ୍ତିମାନଙ୍କୁ ଦାୟିତ୍ୱ ଦେଇଛନ୍ତି, ଯେଉଁମାନେ ଆଗାମୀ ବର୍ଷ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ ଉତମ କାର୍ଯ୍ୟ କରିପାରିବେ।

# ଆଜି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

## ସୁରକ୍ଷାରେ ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହ ୩ ଶହ ଅଧିକାରୀ ମୁତୟନ



ଭୁବନେଶ୍ୱର, ୨୪/୧୦(ନି/ପ୍ର): ଆସନ୍ତା ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଜଟଣୀସ୍ଥିତ ଇନଫୋ ଭ୍ୟାଲି-୨ ନିର୍ମିତ ହୋଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ଅତ୍ୟାଧୁନିକ ଗ୍ରୀନଫିଲ୍ଡ ଡାଟା ସେଟଂରକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ । ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସୁରକ୍ଷା ପାଇଁ ମୋଟ୍ ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହ ୩ ଶହ ଅଧିକାରୀଙ୍କୁ ମୁତୟନ କରାଯିବାର ବ୍ୟବସ୍ଥା ହୋଇଛି । ବିମାନ ବନ୍ଦରରେ ପହଚିଂବା ପରେ ପ୍ରଧାନମନ୍ତ୍ରୀ ୩ଟି ହେଲିକ୍ୟାପ୍ଟରରେ ଇନଫୋଭ୍ୟାଲି ଯିବେ। ସେଠାରେ କାର୍ଯ୍ୟକ୍ରମ ସରିବା ପରେ ରାସ୍ତାରେ(ଖଣ୍ଡଗରିଜିୟଦେବିହାର) ଦେଇ ବିମାନ ବନ୍ଦରରେ ପହଁଚିବେ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା କିଭଳି କରାଯାଇଛି ସେ ନେଇ ଏସ୍‌ପିଜିର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମ ସ୍ଥଳ ଯାଚଂ କରିଥିଲେ । ତେବେ ଇନ୍‌ଫୋଭ୍ୟାଲିରୁ ଖଣ୍ଡଗିରି ଥାନା ପର୍ଯ୍ୟନ୍ତ ରାସ୍ତାରେ ନିର୍ମାଣ ଥିବା ଉଚ୍ଚ ଅଟ୍ଟାଳିକା ଯାଚଂ କରିବାକୁ ପୁଲିସ୍ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଜି ବ୍ଲ୍ୟୁ-ବୁକ୍ ଗାଇଡ୍ ଲାଇନ୍ କମିଶନରେଟ୍ ପୁଲିସ୍ ପକ୍ଷରୁ କାରକେଡ୍ ରିହରସାଲ୍ କରାଯିବ । କାରକେଡ୍‌ରେ ୨୮ଟି ଗାଡ଼ି ବ୍ୟବହାର କରାଯିବ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାର ମୁଖ୍ୟ ଦାୟିତ୍ୱ ଏସ୍‌ପିଜି ହାତରେ ରହିଥାଏ । ଏସପିଜି ପ୍ରଧାନମନ୍ତ୍ରୀଙ୍କ ଚାରିପାଖରେ ଚାରୋଟି ସ୍ତରର ଏକ ଅଭେଦ୍ୟ ସୁରକ୍ଷା ବଳୟ ଗଠନର ବ୍ୟବସ୍ଥା ରହିଛି । ପ୍ରଥମ ସ୍ତର ପ୍ରଧାନମନ୍ତ୍ରୀଙ୍କ ସବୁଠାରୁ ନିକଟରେ ଏସ୍‌ପିଜିର ଅତ୍ୟନ୍ତ ପ୍ରଶିକ୍ଷିତ କମାଣ୍ଡୋମାନେ ଛାୟା ପରି ରହିଥାନ୍ତି । ଦ୍ୱିତୀୟ ଓ ତୃତୀୟ ସ୍ତରରେ ଏନ୍‌ଏସ୍‌ଜି କିମ୍ବା ଅନ୍ୟାନ୍ୟ କେନ୍ଦ୍ରୀୟ ବଳ ଏବଂ ସ୍ଥାନୀୟ ପୁଲିସର କମାଣ୍ଡୋମାନଙ୍କ ଦ୍ୱାରା ପରିଚାଳିତ ହୁଏ । ଚତୁର୍ଥ ସ୍ତର(ବାହ୍ୟ) ରାଜ୍ୟର ସ୍ଥାନୀୟ ପୁଲିସ୍‌ସମ୍ଭାଳିବାର ବ୍ୟବସ୍ଥା ହୋଇଛି । ପ୍ରଧାନମନ୍ତ୍ରୀ ଆସିବା ପୂର୍ବରୁ ତାଙ୍କ କାରକେଡ୍‌ରେ ବ୍ୟବହାର ହେବାକୁ ଥିବା କାରକୁ ଏସପିଜି ଟିମ୍ ଯାଚଂ କରିବେ ।

# ଟ୍ରେନିଂ ବେଳେ ବାୟୁସେନାର ଦୁଇ ବିମାନ ପରସ୍ପର ସହ ଧକ୍କା, ୪ ପାଇଲଟ୍ ମୃତ

ଲିପା,୨୪।୧୦: ଫିଲିପାଇନ୍ସରେ ଭୟଙ୍କର ବିମାନ ଦୁର୍ଘଟଣା। ଟ୍ରେନିଂ ଚାଲିଥିବା ସମୟରେ ଫିଲିପାଇନ୍ସ ବାୟୁସେନାର ଦୁଇଟି ବିମାନ ପରସ୍ପର ସହ ଧକ୍କା ହୋଇଥିବା ଖବର ମିଳିଛି। ଏହାପରେ ଉଭୟ ବିମାନ ତଳକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ଦୁଇଟି ବିମାନରେ ଥିବା ୪ ଜଣ ପାଇଲଟଙ୍କ ମୃତ୍ୟୁ ହୋଇଛି। ମିଳିଥିବା ଖବର ଅନୁସାରେ, ଲୁଜୋନ୍ ଦ୍ୱୀପର ଲିପା ସହରର ଫର୍ନାଣ୍ଡୋ ଏୟାରବେସ୍‌ରେ ଏହି ଦୁର୍ଘଟଣା ଘଟିଛି। ଘଟଣା ପରେ ଉଦ୍ଧାର ଓ ଜରୁରୀକାଳୀନ ଟିମ୍ ତୁରନ୍ତ ପହଚିଂ ଥିଲେ। ଦୁର୍ଘଟଣାର କାରଣ ଜାଣିବା ପାଇଁ ବିମାନଗୁଡ଼ିକର ଯାଚଂ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଘଟଣା ପରେ ଫିଲିପାଇନ୍ସ ବାୟୁସେନା ଝର-୨୬୦ ମଡେଲ୍‌ର ବିମାନଗୁଡ଼ିକୁ ସାମୟିକ ଭାବେ ଉଡ଼ାଣରୁ ବନ୍ଦ ରଖାଯାଇଛି। ଅର୍ଥାତ୍, ଆବଶ୍ୟକ ଯାଚଂ ଶେଷ ହେବା ଏବଂ ସୁରକ୍ଷା ସମ୍ପର୍କରେ ସୁନିଶ୍ଚିତ ହେବା ପରେ ହିଁ ଏହି ବିମାନଗୁଡ଼ିକୁ ପୁଣି ଉଡ଼ାଣ ପାଇଁ ଅନୁମତି ଦିଆଯିବ। ଫିଲିପାଇନ୍ସ ବାୟୁସେନା (ଚଇର) ଏହି ଦୁର୍ଘଟଣାରେ ଶୋକ ପ୍ରକାଶ କରିଛି। ଦୁର୍ଘଟଣା ପରେ ତୁରନ୍ତ ଜରୁରୀକାଳୀନ ଟିମ୍ ଘଟଣାସ୍ଥଳରେ ପହଚିଂଥିବା ବାୟୁସେନା ପକ୍ଷରୁ କୁହାଯାଇଛି।

# ବାତ୍ୟା ଆଶଙ୍କାରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସ୍ଥଗିତ

## ନଭେମ୍ବର ୪ ଓ ୫ରେ ଆସିବେ ଦ୍ରୌପଦୀ ମୁର୍ମୁ



ରାଇରଙ୍ଗପୁର,୨୪/୧୦(ନି/ପ୍ର): ଚଳିତ ମାସ ୨୮ ଓ ୨୯ ତାରିଖରେ ରାଷ୍ଟ୍ରପତିଙ୍କର ପ୍ରସ୍ତାବିତ ଦୁଇଦିନିଆ ଓଡ଼ିଶା ଗସ୍ତ ସ୍ଥଗିତ ରଖାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମକୁ ବଦଳାଯାଇଛି। ସାମ୍ଭାବ୍ୟ ବାତ୍ୟାକୁ ନେଇ ୨୮ ଓ ୨୯ ଅକ୍ଟୋବର ପରିବର୍ତ୍ତେ ଆସନ୍ତା ନଭେମ୍ବର ୪ ଓ ୫ ତାରିଖ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସରକାରୀ ଭାବେ କୁହାଯାଇଛି। ଏନେଇ ବିଧିବଦ୍ଧ ଭାବେ ସୂଚନା ଜାରି କରାଯାଇଛି। ରାଷ୍ଟ୍ରପତି ଭବନରୁ ଚିଠି ଆସିଥିବା ଜଣାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ଅକ୍ଟୋବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ, ମହତାବ ଭବନ ଓ ସଞ୍ଜୀବ ନେତ୍ରାଳୟରେ ବହୁ ବିଶେଷଜ୍ଞ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହେବାକୁ ଥିବା ଶିବିର ଆସନ୍ତା ୧ ରୁ ୪ ନଭେମ୍ବର ପର୍ଯ୍ୟନ୍ତ ହେବ ବୋଲି ସୂଚନା ମିଳିଛି।

# ଓଡ଼ିଶାକୁ ମାଡ଼ି ଆସୁଛି ବାତ୍ୟା !

## ୨୭ରୁ ୨୯ ଯାଏଁ ପ୍ରବଳ ବର୍ଷା, ଭୂସ୍ଖଳନ ଓ ବନ୍ୟା ଆଶଙ୍କାରେ ବ୍ୟାପକ ପ୍ରସ୍ତୁତି




ଭୁବନେଶ୍ୱର,୨୪/୧୦(ନି/ପ୍ର):ମାଡ଼ି ଆସୁଛି ବାତ୍ୟା । ସିଧା ମାଡ଼ ହେଉ କି ନ ହେଉ, ଓଡ଼ିଶାକୁ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଘାଟିଂବ । ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ସାଙ୍ଗକୁ ପବନ ଭୟ ରହିଛି । ଉଡ଼ାଇବ ଆଉ ଭସାଇବ । ଚାଷୀ କୂଳ ଚିନ୍ତାରେ । ଅମଳ ଆଗରୁ ଧାନ ଉଜୁଡ଼ିଯିବ କି ? ବରବାଦ ହୋଇଯିବ କି ରବି ଫସଲ ଆଉ ପନିପରିବା କ୍ଷେତ ।ଖାଲିସେତିକିନୁହେଁ, ବିଭିନ୍ନନଦୀ ଫୁଲିବା ସହ ଦକ୍ଷିଣ ଓଡ଼ିଶାରେ ଭୂସ୍ଖଳନ ଭୟ ରହୁଛି । ବିଭିନ୍ନ ପାଣିପାଗ ମଡେଲ ବାତ୍ୟାର ଭିନ୍ନ ଭିନ୍ନ ରୂପ ଦେଖାଉଛନ୍ତି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛିଆଣ୍ଡାମାନ ଉପରେ ଥିବା ଲଘୁଚାପ ୨୬ ତାରିଖ ବେଳକୁ ବାତ୍ୟା ରୂପ ନେବ । ପବନର ବେଗ ୨୭ ତାରିଖ ବେଳକୁ ୯୦ କିମି ହୋଇପାରେ। ଉତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଆଡ଼କୁ ମୁହାଁଇବ । ୟୁରୋପୀୟ ପାଣିପାଗ ସଂସ୍ଥା ଇସିଏମଡବ୍ଲ୍ୟୁଏଫ କହୁଛି ପବନର ବେଗ ୧୪୦ କିମି ଡେଇଁପାରେ । ବିଶାଖାପାଟଣାର ଦକ୍ଷିଣରେ ମାଡ଼ ହୋଇପାରେ । ପାଣିପାଗ ମଡେଲ୍ ଜିଏଫ୍‌ଏସ୍ ପୂର୍ବାନୁମାନ ଅତି ଭୟଙ୍କର । ପବନର ବେଗ ୨୦୦ ଟପିପାରେ ବୋଲି ଇସାରା କରିଛି । କାକିନାଡ଼ା ପାଖାପାଖି ସ୍ଥଳଭାଗରେ ପ୍ରବେଶ କରିବ । ଉତର ଆନ୍ଧ୍ରରେ ସିଧା ମାଡ଼ ହେଲେ ବି ଓଡ଼ିଶା ଉପରେ ସାଂଘାତିକ ପ୍ରଭାବ ପଡ଼ିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି । ଦକ୍ଷିଣ ଓଡ଼ିଶାରେ ୧୦୦ କିମିରୁ ଅଧିକ ବେଗରେ ଚାଲିପାରେ ପବନ, ପାରାଦୀପ ଯାଏ ଉପକୂଳ ଓଡ଼ିଶାରେ ୭୦ କିମି ପବନ ମାଡ଼ ହେବ । ତା ସାଙ୍ଗକୁ ଅତି ପ୍ରବଳ ବର୍ଷା । ସ୍ଥିତି ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସିଥିଲା ।

# ଜୈଶ-ଏ-ମହମ୍ମଦର ଆତଙ୍କୀ ନେଟୱାର୍କ ସହ ଜଡ଼ିତ ସନ୍ଦିଗ୍ଧ ବ୍ୟକ୍ତି ଏଟିଏସ ଜାଲରେ



ମୁମ୍ବାଇ,୨୪/୧୦: ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଆତଙ୍କବାଦ ବିରୋଧୀ ଅଭିଯାନରେ ମହାରାଷ୍ଟ୍ର ଆତଙ୍କବାଦ ବିରୋଧୀ ଦଳ(ଏଟିଏସ)କୁ ବଡ଼ ସଫଳତା ମିଳିଛି। ଏକ ସୂଚନା ଆଧାରରେ ଏଟିଏସ ଦଳ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ ସହିତ ଲିଙ୍କ୍ ଥିବା ଅଭିଯୋଗରେ ମାହିମ ଅଂଚଳରୁ ଜଣେ ୩୩ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ଗିରଫ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ମହମ୍ମଦ ହାସନ ଆବୁ ସରମଦ ଅଖତର ବୋଲି ଚିହ୍ନଟ କରାଯାଇଛି। ପ୍ରାରମ୍ଭିକ ତଦନ୍ତ ସମୟରେ ହୋଇଥିବା ଖୁଲାସା ସୁରକ୍ଷା ଏଜେନ୍ସିଗୁଡ଼ିକୁ ଚିନ୍ତିତ କରିଛି। ଅଭିଯୁକ୍ତ ସାମାଜିକ ସମ୍ପର୍କ ବଜାୟ ରଖିବା ପାଇଁ ବାଇକ୍ ଟ୍ୟାକ୍ସି ଆପ୍ ରାପିଡୋ ଚାଳକ ଭାବରେ କାମ କରୁଥିଲା ଏବଂ ପରଫ୍ୟୁମ୍ ବିକ୍ରି କରୁଥିଲା। ଏହାର ଆଳ ଦେଖାଇ ସେ ଯୁବବର୍ଗଙ୍କୁ ଉସୁକାଇ ମୌଳବାଦୀ ଚିନ୍ତାଧାରା ପ୍ରସାର କରିବାର ବିପଦପୂର୍ଣ୍ଣ ଖେଳରେ ଲିପ୍ତ ଥିଲା। ମହାରାଷ୍ଟ୍ର ଏଟିଏସକୁ ଗୁଇନ୍ଦା ସୂତ୍ରରୁ ବିଶ୍ୱସ୍ତ ସୂଚନା ମିଳିଥିଲା ଯେ, ଜୈଶ-ଏ-ମହମ୍ମଦର ଚିନ୍ତାଧାରାରେ ଅନୁପ୍ରାଣିତ ଜଣେ ସନ୍ଦିଗ୍ଧ ବ୍ୟକ୍ତି ମୁମ୍ବାଇରେ ସକ୍ରିୟ ଅଛନ୍ତି ଏବଂ ଦେଶ ବିରୋଧୀ କାର୍ଯ୍ୟକଳାପ କରିବାକୁ ଯୋଜନା କରୁଛନ୍ତି। ସୂଚନା ଆଧାରରେ ଏଟିଏସ ଦଳ ଏକ ଜାଲ ବିଛାଇ ମାହିମ ମେଟ୍ରୋ ଷ୍ଟେସନ ନିକଟରେ ଅଭିଯୁକ୍ତ ମହମ୍ମଦ ହାସନଙ୍କୁ ଗିରଫ କରିଥିଲା। ଗିରଫ ସମୟରେ ତାଙ୍କ ମୋବାଇଲ୍ ଫୋନ୍ ଏବଂ ଡିଜିଟାଲ୍ ଡିଭାଇସଗୁଡ଼ିକର ଯାଚଂ କରିବା ପରେ ବହୁ ପରିମାଣର ସନ୍ଦିଗ୍ଧ ଏବଂ ଦେଶ ବିରୋଧୀ ଡିଜିଟାଲ୍ ସାମଗ୍ରୀ ଜବତ କରାଯାଇଥିଲା। ଅଧିକାରୀଙ୍କ ଅନୁଯାୟୀ, ଅଭିଯୁକ୍ତ ବିଭିନ୍ନ ଡିଜିଟାଲ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଦେଶରେ ସାମ୍ପ୍ରଦାୟିକ ଘୃଣା ପ୍ରସାର କରିବାକୁ ଏବଂ ଯୁବବର୍ଗଙ୍କ ମଧ୍ୟରେ ଦେଶ ବିରୋଧୀ ଭାବନା ସୃଷ୍ଟି କରିବାକୁ ଚେଷ୍ଟା କରୁଥିଲା। ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତ ଏକ ସକ୍ରିୟ ଟେଲିଗ୍ରାମ ଗ୍ରୁପ୍ ଚଳାଉଥିଲା। ଅଭିଯୋଗ ହୋଇଛି ଯେ, ୧ ଜୁନ୍ ୨୦୨୬ରେ ସେ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ନେତା ମୌଲାନା ମାସୁଦ ଆଝାରଙ୍କ ଦ୍ୱାରା ବାବ୍ରି ମସଜିଦ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରସଙ୍ଗରେ ଅତ୍ୟନ୍ତ ଆପତତିଜନକ ଏବଂ ଉତେଜନାପୂର୍ଣ୍ଣ ଅଡିଓ ଭାଷଣ ଅପଲୋଡ୍ କରିଥିଲା।

# ଇରାନ ପରେ କ୍ୟୁବା କଥା ବୁଝାଯିବ: ଚେତାବନୀ ଦେଇ ନାଲି ଆଖି ଦେଖାଇଲେ ଟ୍ରମ୍ପ



ୱାସିଂଟନ,୨୪/୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ ଯୁଦ୍ଧରୁ ଫେରିବା ପରେ ଆମେରିକୀୟ ଯୁଦ୍ଧଜାହାଜ କ୍ୟୁବାର ଉପକୂଳ ନିକଟରେ ଅଟକିବ। ଫ୍ଲୋରିଡାରେ ମଧ୍ୟବର୍ତୀକାଳୀନ ନିର୍ବାଚନ ପାଇଁ ଏକ ପ୍ରଚାର କାର୍ଯ୍ୟକ୍ରମରେ ଟ୍ରମ୍ପ କ୍ୟୁବା ବିଷୟରେ ଏହି ମନ୍ତବ୍ୟ ଦେଇଛନ୍ତି। କ୍ୟୁବାର ବୈଦେଶିକ ମନ୍ତ୍ରୀ ବ୍ରୁନୋ ରୋଡ୍ରିଗେଜ ତାଙ୍କ ବିବୃତିର ଜବାବ ଦେଇ ଆମେରିକାର ମହତ୍ୱାକାଂକ୍ଷା ସହିତ ଜଡିତ ସମସ୍ତ ଧମକକୁ ଖଣ୍ଡନ କରିଛନ୍ତି। ଟ୍ରମ୍ପ କହିଛନ୍ତି, ଇରାନରୁ ଫେରିବା ବାଟରେ, ଆମେ କ୍ୟୁବା ଉପରେ ନଜର ରଖିବୁ। ଯୁଦ୍ଧଜାହାଜଗୁଡ଼ିକ କ୍ୟୁବା ଦେଇ ଯିବ। ସେଥିମଧ୍ୟରୁ ଗୋଟିଏକୁ ଆମେ ଉପକୂଳରୁ ପ୍ରାୟ ୫୦ ଗଜ ଦୂରରେ ଅଟକାଇବୁ। ସେମାନେ ଆତ୍ମ ସମର୍ପଣ କରିବେ। ତା'ପରେ ଆମେ ମାର୍କୋ ରୁବିଓଙ୍କୁ ପଠାଇବୁ। ଟ୍ରମ୍ପଙ୍କ ମନ୍ତବ୍ୟ ପରେ, କ୍ୟୁବାର ବୈଦେଶିକ ମନ୍ତ୍ରୀ ବ୍ରୁନୋ ରୋଡ୍ରିଗେଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରତିକ୍ରିୟା ଦେଇ କହିଛନ୍ତି, କ୍ୟୁବାର ଉପକୂଳ ସୁନ୍ଦର ବେଳାଭୂମିରେ ପରିପୂର୍ଣ୍ଣ, କିନ୍ତୁ ଏଥିରେ ତୀକ୍ଷଣ ଚୂନପଥର ପାହାଡ ଏବଂ ଏକ ଦୁର୍ଗମ ପରିବେଶ ମଧ୍ୟ ଅଛି। ଏହା ଶତ୍ରୁତା ଉଦ୍ଦେଶ୍ୟ ତଥା ଦଖଲ କରିବା ମନୋଭାବ ନେଇ ଆସୁଥିବା ଲୋକଙ୍କ ପାଇଁ ଅନୁକୂଳ ନୁହେଁ। ପୂର୍ବରୁ, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କ୍ୟୁବାର ଲୋକମାନଙ୍କୁ କେନ୍ଦ୍ରୀୟ ଗୁପ୍ତଚର ସଂସ୍ଥା (ସିଆଇଏ) ସହିତ ଏକ ଗୁପ୍ତ ସହଭାଗୀତା କରିବାକୁ ନିବେଦନ କରିଥିଲେ, କହିଥିଲେ ଯେ, ଏହା ଦେଶରେ ସକାରାତ୍ମକ ପରିବର୍ତନ ଆଣିବାରେ ସାହାଯ୍ୟ କରିବ। ରୁବିଓ ଇନଷ୍ଟାଗ୍ରାମରେ ଲେଖିଛନ୍ତି ଯେ, କ୍ୟୁବାରେ ସକାରାତ୍ମକ ପରିବର୍ତନ ଚାହୁଁଥିବା ଲୋକଙ୍କ ପାଇଁ ଏହା ଉପଯୁକ୍ତ ସମୟ। ସେ ଦୁର୍ନୀତି, ଅପୂର୍ଣ୍ଣ ପ୍ରତିଶ୍ରୁତି ଏବଂ କିଛି ଲୋକଙ୍କ ସୁବିଧାଜନକ ଜୀବନକୁ ଉଲ୍ଲେଖ କରି ସିଆଇଏ ସହିତ ଏକ ଗୁପ୍ତ ସହଭାଗୀତା ମାଧ୍ୟମରେ ପରିବର୍ତନ ଆଣିବାର ସୁଯୋଗକୁ ଗ୍ରହଣ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଟ୍ରମ୍ପ ପ୍ରଶାସନ କ୍ୟୁବା ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ପାଇଁ ନିର୍ମାଣ, ଖଣି ଏବଂ ଧାତୁ କ୍ଷେତ୍ରର ନଅଟି ରାଷ୍ଟ୍ରାୟତ କମ୍ପାନି ଉପରେ ନୂତନ କଟକଣା ଲଗାଇଛି, ଏବଂ ଆମେରିକୀୟ ନାଗରିକମାନଙ୍କୁ କ୍ୟୁବା ଯାତ୍ରା ସମୟରେ ସରକାର ନିୟନ୍ତ୍ରିତ କମ୍ପାନିଗୁଡ଼ିକ ସହିତ ବ୍ୟବସାୟକୁ ରୋକିବା ପାଇଁ ନିୟମାବଳୀକୁ କଡ଼ାକଡ଼ି କରିଛି। ଟ୍ରମ୍ପ ପୂର୍ବରୁ କ୍ୟୁବାର ନେତୃତ୍ୱ ପରିବର୍ତନ ପାଇଁ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ମେ' ୨ରେ ସେ କହିଥିଲେ, ଆମେରିକା ଶୀଘ୍ର କ୍ୟୁବାକୁ ଦଖଲ କରିବ। କ୍ୟୁବା ସମସ୍ୟାରେ ଜଡ଼ିତ ହେଉଛି ଏବଂ ଆମେରିକା ପ୍ରଥମେ ଅନ୍ୟ ପ୍ରସଙ୍ଗର ସମାଧାନ କରିବ। ପୂର୍ବରୁ, ହ୍ୱାଇଟ୍ ହାଉସ୍ ଏକ ବିବୃତିରେ କହିଥିଲା ଯେ, କ୍ୟୁବା ସରକାରଙ୍କ ନୀତି, ଅଭ୍ୟାସ ଏବଂ କାର୍ଯ୍ୟ ଆମେରିକା ପାଇଁ ଏକ ବିପଦ ସୃଷ୍ଟି କରୁଛି। ବିବୃତିରେ ଏହି ନୀତିଗୁଡ଼ିକୁ ଗଣତାନ୍ତ୍ରିକ ସମାଜର ନୈତିକ ଏବଂ ରାଜନୈତିକ ମୂଲ୍ୟବୋଧର ବିପରୀତ ବୋଲି ମଧ୍ୟ ଉଲ୍ଲେଖ କରାଯାଇଥିଲା।

# ସମ୍ଭାବ୍ୟ ବାତ୍ୟା ପାଇଁ ବନ୍ଦ ରହିବ ୨୬ରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୪/୧୦(ନି/ପ୍ର): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାର ଅକ୍ଟୋବର ୨୬ ତାରିଖରେ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ସ୍ଥଗିତ ରଖାଯାଇଛି । ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ପରବର୍ତୀ ଶୁଣାଣି ନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତିରେ ସୂଚନା ଦିଆଯିବ ।

# ଭାନୁଆଟୁ ଦ୍ୱୀପ ଅଂଚଳରେ ୭.୨ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ



ପୋର୍ଟଭିଲା,୨୪/୧୦:ଅଷ୍ଟ୍ରେଲିଆ ନିକଟ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଦ୍ୱୀପ ଦେଶ ଭାନୁଆଟୁରେ ତିନି ଥର ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଆମେରିକୀୟ ଭୂତତ୍ୱ ସର୍ବେକ୍ଷଣ ଅନୁଯାୟୀ, ପ୍ରଥମ ଭୂମିକମ୍ପ ଭାରତୀୟ ସମୟ ସକାଳ ୮ଟା ୧୨ରେ ହୋଇଥିଲା। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୭.୨ ରେକର୍ଡ କରାଯାଇଥିଲା। ଏହାର କିଛି ସମୟ ପରେ ୬.୯ ତୀବ୍ରତାଯୁକ୍ତ ଦ୍ୱିତୀୟ ଭୂମିକମ୍ପ ରିପୋର୍ଟ କରାଯାଇଥିଲା। ଦୁଇ ଭୂମିକମ୍ପ ମଧ୍ୟରେ ସମୟ ବ୍ୟବଧାନ ୨୫ ସେକେଣ୍ଡ ଥିଲା। ଦ୍ୱିତୀୟ ଭୂମିକମ୍ପର ଆଉ ୧୧ ମିନିଟ୍ ପରେ, ପୋର୍ଟ ଓଲରି ନିକଟରେ ଆଉ ଏକ ଭୂମିକମ୍ପ ହୋଇଥିବା ସୂଚନା ମିଳିଥିଲା। ପ୍ରଥମ ଭୂମିକମ୍ପର କେନ୍ଦ୍ରସ୍ଥଳ ଭାନୁଆଟୁର ସୋଲାରୁ ପ୍ରାୟ ୨୦୦ କିଲୋମିଟର ପଶ୍ଚିମରେ ଭୂପୃଷ୍ଠର ୧୦ କିଲୋମିଟର ଗଭୀରତାରେ ଥିଲା। ଦ୍ୱିତୀୟ ଭୂମିକମ୍ପର କେନ୍ଦ୍ରସ୍ଥଳ ପୋର୍ଟ ଓଲରିର ପ୍ରାୟ ୧୯୭ କିଲୋମିଟର ପଶ୍ଚିମ-ଉତରପଶ୍ଚିମରେ ଥିଲା। ଏହା ଭୂପୃଷ୍ଠର ୧୦ କିଲୋମିଟର ଗଭୀରତାରେ ଥିଲା। ତୃତୀୟ ଭୂମିକମ୍ପପୋର୍ଟ ଅଲରିର ୧୭୦ କିଲୋମିଟର ଦୂରରେ ରେକର୍ଡ କରାଯାଇଥିଲା ଏବଂ ଏହାର ତୀବ୍ରତା ୬.୩ ମାପ କରାଯାଇଥିଲା। ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠର ୧୦ କିଲୋମିଟରତଳେଥିଲା। ତିନିଟି ବଡ଼ ଧରଣର ଭୂମିକମ୍ପ ପରେ ଅଂଚଳରେ ସୁନାମି ଆସିବାର ଆଶଙ୍କ ସୃଷ୍ଟି ହୋଇଛି। କର୍ତୃପକ୍ଷ ଭାନୁଆଟୁର ଉପକୂଳବର୍ତୀ ଅଂଚଳରେ ରହୁଥିବା ଲୋକଙ୍କୁ ଜାରି କରାଯାଇଥିବା ଚେତାବନୀ ଏବଂ ପରାମର୍ଶ ପାଳନ କରିବାକୁ ଅନୁରୋଧ କରିଛନ୍ତି।


## ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# କୁଆଖିଆରେ ୨୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ




## ୨ ଗିରଫ; ୫ଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

ନଠୁଆବର,୨୪/୧୦(ନି/ପ୍ର):ଯାଜପୁର ପୁଲିସର ନିଶାମୁକ୍ତ ଅଭିଯାନରେ ବଡ଼ ସଫଳତା । କୁଆଖିଆ ଥାନା ପୁଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଚଢାଉ କରି ମୁଲାପାଳ ଛକରୁ ୨୦୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ ଜଣଙ୍କୁ ଗିରଫକରିଛନ୍ତି । ଜବତ ବ୍ରାଉନସୁଗାରର ଆନୁମାନିକ କଳାବଜାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ । ଯାଜପୁର ଏସପି ଯଶପ୍ରତାପ ଶ୍ରୀମାଲଙ୍କ ନିର୍ଦ୍ଦେଶରେ ବୁଧବାର ଅପରାହ୍ନ ୧.୪୫ରେ ଏହି ଚଢାଉ ହୋଇଥିଲା । ଏ ନେଇ କୁଆଖିଆ ଥାନା କେସ ନଂ ୪୩୭/୨୬ରେ ଏନଡିପିଏସ ଆକ୍ଟ ୨୧(ବି) ଓ ୨୯(୧) ଧାରାରେ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଜେନ୍ଦ୍ରପୁର ଗଙ୍ଗାଧରପୁରର ନିଶିକାନ୍ତ ମଲ୍ଲିକ (୪୬), ପିତା- ସ୍ୱର୍ଗତ ହରିହର ମଲ୍ଲିକ ଏବଂ କରଜଙ୍ଗାର ସତ୍ୟରଞ୍ଜନ ସାହୁ (୩୫), ପିତା- ବାସୁଦେବ ସାହୁ। ପୁଲିସ ସେମାନଙ୍କ ନିକଟରୁ ୨୦୦ ଗ୍ରାମ ବ୍ରାଉନସୁଗାର, ୩ଟି ମୋବାଇଲ ଫୋନ, ୪୭୦୦ ଟଙ୍କା ନଗଦ, ୫ଟି ବ୍ୟାଙ୍କ ପାସବୁକ୍ ଓ ୫ଟି ଏଟିଏମ କାର୍ଡ ଜବତ କରିଛି । ଏଥି ସହ ୫ଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି । ସତ୍ୟରଞ୍ଜନ ନିଶା କାରବାରର ଆର୍ଥିକ ନେଣଦେଣ ସମ୍ଭାଳୁଥିବା ସନ୍ଦେହ କରାଯାଉଛି । ପୁଲିସ ଯାଞ୍ଚରୁ ଜଣାପଡିଛି ନିଶିକାନ୍ତ ନାମରେ ପୂର୍ବରୁ କୁଆଖିଆ ଥାନାରେ ୨ଟି ଏନଡିପିଏସ ମାମଲା (୨୫୪/୨୬ ଓ ୨୮୯/୨୬) ରହିଛି, ଯେଉଁଥିରେ କୋର୍ଟରୁ ଏନବିଡବ୍ଲୁ ଜାରି ହୋଇଥିଲା । ଏହି ଅଭିଯାନରେ ଅଭିଯୋଗକାରୀ ଏସଆଇ ସୂର୍ଯ୍ୟନାରାୟଣ ସାହୁ ଓ ତଦନ୍ତ ଅଧିକାରୀ ଆଇଆଇସି ସୁଶାନ୍ତ କୁମାର ସେଠୀ ଥିଲେ । ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି ।

# ଦୁର୍ଦ୍ଦାନ୍ତ ଅପରାଧୀକୁ ଏନକାଉଣ୍ଟର:
## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି



ହାଟଡିହି,୨୪/୧୦(ନି/ପ୍ର): ଦୁର୍ଦ୍ଦାନ୍ତ ଅପରାଧୀ ଅର୍ଜୁନ ପ୍ରଧାନକୁ ଏନକାଉଣ୍ଟର କରିଛି କେନ୍ଦୁଝରଜିଲ୍ଲା ନନ୍ଦିପଦା ପୁଲିସ । ଛେନାପଦୀ ନିକଟ ଅସିଆ ଗାଁ ନିକଟରେ ଏହି ଘଟଣା ଘଟିଛି । ପୁଲିସର ପାଲଟା ଗୁଳିରେ ଅର୍ଜୁନର ଡାହାଣ ଗୋଡ଼ରେ ଗୁଳି ବାଜିଛି । ଗୁରୁତର ଅବସ୍ଥାରେ ତାକୁ ପ୍ରଥମେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଅର୍ଜୁନ ପ୍ରଧାନ ଓଡ଼ିଶା ସମେତ ବିହାର ଓ ଝାଡ଼ଖଣ୍ଡରେ ୨୦ରୁ ଊର୍ଦ୍ଧ୍ୱ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ସୂଚନା ରହିଛି । ଅସିଆ ଗାଁ ନିକଟରେ ପୁଲିସ ତାକୁ ଧରିବାକୁ ଉଦ୍ୟମ କରୁଥିବା ବେଳେ ସେ ପୁଲିସ ଉପରକୁ ଗୁଳି ଚଳାଇଥିଲା । ଏହାର ଜବାବରେ ପୁଲିସ ପାଲଟା ଗୁଳି ଚଳାଇଥିଲା । ଏଥିରେ ଅର୍ଜୁନ ଆହତ ହୋଇଥିଲା । ଚଳିତ ବର୍ଷ ସେପ୍ଟେମ୍ବର ୨୭ ତାରିଖରେ ସୋସୋ ଥାନା ଅନ୍ତର୍ଗତ ବନ୍ତଲା ଗାଁରେ ଜଣେ ସୁନା ବ୍ୟବସାୟୀଙ୍କୁ ଗୁଳି କରି ଲୁଟ୍ କରାଯାଇଥିଲା । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଥିଲା ଅର୍ଜୁନ ପ୍ରଧାନ । ଅର୍ଜୁନର ଘର ଯାଜପୁର ଜିଲ୍ଲା ଯଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ଗାଁରେ । ତା' ନାଁରେ ଓଡ଼ିଶା ସମେତ ରାଜ୍ୟ ବାହାରର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ଏହି ମାମଲାଗୁଡ଼ିକୁ ନେଇ ପୁଲିସ ତାକୁ ଖୋଜୁଥିଲା । ଏନକାଉଣ୍ଟର ପରେ ଘଟଣାକୁ ନେଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ କରାଯାଉଛି ।

# ରାଉତରାପୁର ପଚାଂୟତର ୨୫ତମ ପୂର୍ତି ମହୋତ୍ସବ: ସମସ୍ତ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ

ଧର୍ମଶାଳା,୨୪/୧୦(ନି/ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଂଚାୟତ ପୁନର୍ଗଠନ ଓ ୨୫ତମ ପୂର୍ତି ମହୋତ୍ସବ ଅବସରେ ସମସ୍ତ ଜନପ୍ରତିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପଂଚାୟତ ସଭାଗୃହ ପରିସରରେ ଆୟୋଜିତ ମହୋତ୍ସବ ସରପଂଚ ସ୍ୱର୍ଣ୍ଣଲତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ କାମଦେବ ଶତପଥୀ ,ସମ୍ମାନୀତ ଅତିଥିଭାବେ ବରିଷ୍ଠ ସମାଜିକ କର୍ମୀ କାହ୍ନୁ ଚରଣ ଦାସ ଓ ପଂଚାୟତର ପ୍ରଥମ ସରପଂଚ ବାବଲି ପୃଷ୍ଟି ପ୍ରମୁଖ ଯୋଗ ଦେଇ ପରିବାରର ସମସ୍ତ ସଦସ୍ୟ ପ୍ରଥମେ ପର କଥା ଓ ପରେ ନିଜ କଥା ଭାବିବା ଉଚିତ୍ ବୋଲି ଗୁରୁତ୍ୱାରୋପ କରିବା ସହ ସମାଜରେ ୪ ପ୍ରକାର ଲୋକ ଅଛନ୍ତି । ଆନ୍ଧାରରୁ ଆଲୋକ ଦେଖାଉଥିବା ବ୍ୟକ୍ତି ସବୁବେଳେ ନିଆରା ବୋଲି ମତ ବ୍ୟକ୍ତ କରିବା ସହିତ ସରପଂଚଙ୍କ ଏଭଳି ନିଆରା ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ । ମଂଚ ପରିଚାଳନାରେ ଶିକ୍ଷାବିତ୍ ମାଗୁଣି ଚରଣ ପୃଷ୍ଟି ସହଯୋଗ କରିଥିଲେ । ଏହି ଅବସରରେ ପଂଚାୟତ ପକ୍ଷରୁ ସମସ୍ତ ସରପଂଚ, ପୂର୍ବତନ ସରପଂଚ, ସମିତି ସଭ୍ୟ/ସଭ୍ୟା ଓ ପୂର୍ବତନ ସମିତି ସଭ୍ୟ/ସଭ୍ୟା, ୱାର୍ଡ ସଭ୍ୟସଭ୍ୟା ଓ ପୂର୍ବତନ ୱାର୍ଡ ସଭ୍ୟସଭ୍ୟା, ପଂଚାୟତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ପୂର୍ବତନ କର୍ମଚାରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ନାୟବ ସରପଂଚ ବୈକୁଣ୍ଠ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅନିରୁଦ୍ଧ ପୃଷ୍ଟି, କୈଳାସ ଚନ୍ଦ୍ର ସାହୁ, ସତ୍ୟଜିତ୍ ସାହୁ, ବିକାଶ ନାୟକ, ଦର୍ଶନ ସ୍ୱାଇଁ, ମନୋରଂଜନ ଜେନାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ସହଯୋଗ କରିଥିଲେ ।

# ଚମ୍ପୁଆ-ରିମୁଳି ଜାତୀୟ ରାଜପଥ ପାଲଟିଛି 'ମରଣ ଯନ୍ତା'
## ଭାରସାମ୍ୟ ହରାଇ ଓଲଟିଲା କାର, ଅଳ୍ପକେ ବର୍ତିଲେ ୫ ଯୁବକ

ଚମ୍ପୁଆ,୨୪/୧୦(ନି/ପ୍ର):ରିମୁଳି ଜାତୀୟ ରାଜପଥରେ ପୁଣି ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ କାର୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିବା ବେଳେ ଗାଡ଼ିରେ ଥିବା ୫ ଜଣ ଯୁବକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତି ଯାଇଛନ୍ତି । ସୌଭାଗ୍ୟବଶତଃ ସମସ୍ତଙ୍କ ଜୀବନ ରକ୍ଷା ପାଇଯାଇଥିଲେ ମଧ୍ୟ ସେମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଆଜି ସକାଳୁ ଚମ୍ପୁଆ ମୁସଲିମ ବସ୍ତିର ୫ ଜଣ ଯୁବକ ଏକ କାରରେ କେନ୍ଦୁଝର ଅଭିମୁଖେ ବାହାରିଥିଲେ । ତେବେ ପତଳା ନିକଟସ୍ଥ ରଜିଆ ନାଳ ପାଖରେ କାରଟି ହଠାତ ନିଜର ଭାରସାମ୍ୟ ହରାଇ ବସିଥିଲା ଏବଂ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଗାଡ଼ିଟି ସମ୍ପୂର୍ଣ୍ଣ ଓଲଟି ଯାଇଥିଲା । ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ । ସେମାନେ ଗାଡ଼ି ଭିତରୁ ସମସ୍ତ ୫ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରିଛନ୍ତି । ସମସ୍ତେ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି । ଅପରପକ୍ଷରେ, ଖବର ପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଂଚଳରେ ପ୍ରଶାସନ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଚମ୍ପୁଆ-ରିମୁଳି ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ଯୋଗୁଁ ଏହା ଏବେ ଏକ ପ୍ରକାର 'ମରଣ ଯନ୍ତା' ସଦୃଶ ହୋଇଯାଇଛି । ରାସ୍ତାର ଦୁରାବସ୍ଥା କାରଣରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ଏହା ସତ୍ତ୍ୱେ ମଧ୍ୟ ସମ୍ପୃକ୍ତ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରୁଥିବାରୁ ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ଓ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସ୍ଥାନୀୟ ଲୋକେ ତୁରନ୍ତ ଏହି ରାସ୍ତାର ମରାମତି ଏବଂ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଜନସମ୍ପର୍କ ସୁଦୃଢ଼ କରିବା ପାଇଁ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଏହାର ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନରେ 'ରେଳ ଜନ ସମ୍ବାଦ' ଆୟୋଜିତ

ଜୟପୁର,୨୪/୧୦(ନି/ପ୍ର): ପୂର୍ବତଟ ରେଳପଥ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ୬.୦ ଅଧୀନରେ ଆଜି ରେଳ ମଣ୍ଡଳର ବିଭିନ୍ନ ଷ୍ଟେସନରେ 'ରେଳ ଜନ ସମ୍ବାଦ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରେଳପଥ ଓ ସାଧାରଣ ଜନତାଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗକୁ ସୁଦୃଢ଼ କରିବା, ଯାତ୍ରୀମାନଙ୍କୁ ସଚେତନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅଭିଯାନ ଅନ୍ତର୍ଗତ, ରାୟଗଡ଼ା ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଏଡିଆରଏମ) ଗୌରୀ ଶଙ୍କର ରାଓ କୋରାପୁଟ ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଇଞ୍ଜିନିୟର ପ୍ରବୀନ୍ ଭାଟି ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଶ୍ରୀମତୀ ପୂଜା ସିଂହ ରାୟଗଡ଼ା ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହ ମତ ବିନିମୟ କରିଥିଲେ । ସେହିପରି, ମଣ୍ଡଳ ଅର୍ଥ ପ୍ରବନ୍ଧକ (ଭାରପ୍ରାପ୍ତ) ଧର୍ମଓ ସାହୁ ଗୁଣୁପୁର ଷ୍ଟେସନରେ ଏବଂ ମଣ୍ଡଳ କାର୍ମିକ ଅଧିକାରୀ (ଭାରପ୍ରାପ୍ତ) ଦିଗମ୍ବର ପାଢ଼ୀ ପାରଳାଖେମୁଣ୍ଡି ଷ୍ଟେସନରେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ମଣ୍ଡଳର ଅନ୍ୟାନ୍ୟ ଶାଖା ଅଧିକାରୀମାନେ ମଧ୍ୟ ମନୋନୀତ ଷ୍ଟେସନଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏହି ଆଲୋଚନା ସମୟରେ ରେଳ ଅଧିକାରୀମାନେ ରେଳ ସେବା, ଷ୍ଟେସନରେ ଉପଲବ୍ଧ ସୁବିଧା ଏବଂ ଯାତ୍ରୀ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଯାତ୍ରୀମାନଙ୍କ ମତାମତ, ପରାମର୍ଶ ଓ ଅଭିଯୋଗ ଶୁଣିଥିଲେ । ଏହା ମାଧ୍ୟମରେ ଯାତ୍ରୀମାନେ ସିଧାସଳଖ ରେଳ ଅଧିକାରୀଙ୍କ ନିକଟରେ ନିଜର ମତ ରଖିବା ସହ ରେଳ ସେବାର ଉନ୍ନତିରେ ସହଯୋଗ କରିବାର ସୁଯୋଗ ପାଇଥିଲେ । ଏହା ସହିତ ଅଧିକାରୀମାନେ ଷ୍ଟେସନ ପରିସର ଏବଂ ଯାତ୍ରୀ ସୁବିଧାଗୁଡ଼ିକର ନିରୀକ୍ଷଣ କରି ସ୍ୱଚ୍ଛତା, ପରିମଳ ଓ ସାର୍ବଜନୀନ ସୁବିଧାଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ । ରେଳ କର୍ମଚାରୀ, ଯାତ୍ରୀ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ମିଶି ସେମାନେ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିଥିଲେ । ରେଳ ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଓ ଯାତ୍ରୀ ଅନୁକୂଳ ରଖିବା ଏକ ସାମୂହିକ ଦାୟିତ୍ୱ ବୋଲି ଏହି ଅଭିଯାନ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା । କାର୍ଯ୍ୟକ୍ରମ ସମୟରେ ଯାତ୍ରୀମାନଙ୍କୁ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା, ଉତ୍ପତ୍ତି ସ୍ଥଳରେ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ନିର୍ଦ୍ଧାରିତ ଡଷ୍ଟବିନ୍ରେ ଆବର୍ଜନା ପକାଇବା ସମ୍ପର୍କରେ ସଚେତନ କରାଯାଇଥିଲା । ପ୍ଲାଟଫର୍ମ, ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ଅଚଂଳ ସମେତ ରେଳ ପରିସରର ଅନ୍ୟାନ୍ୟ ସ୍ଥାନରେ ଆବର୍ଜନା ନ ପକାଇବା ଏବଂ ସ୍ୱଚ୍ଛତା ରକ୍ଷା କରିବାରେ ରେଳ କର୍ମଚାରୀଙ୍କୁ ସହଯୋଗ କରିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଥିଲା । ଏଥିସହ ଦାୟିତ୍ୱପୂର୍ଣ୍ଣ ଯାତ୍ରା, ଯାତ୍ରୀ ସୁରକ୍ଷା ଏବଂ ରେଳ ସମ୍ପତ୍ତି ଓ ସାର୍ବଜନୀନ ସ୍ଥାନଗୁଡ଼ିକର ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । 'ରେଳ ଜନ ସମ୍ବାଦ' ରେଳ ଅଧିକାରୀ ଓ ଯାତ୍ରୀମାନଙ୍କ ମଧ୍ୟରେ ସିଧାସଳଖ ମତ ବିନିମୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଚଂ । ଏହା ମାଧ୍ୟମରେ ରେଳ ପ୍ରଶାସନ ଜନସାଧାରଣଙ୍କ ଆଶା ଓ ଆବଶ୍ୟକତା ବୁଝିବା, ମୂଲ୍ୟବାନ ପରାମର୍ଶ ଗ୍ରହଣ କରିବା ଏବଂ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାର ସୁଯୋଗ ପାଉଛି । ଏହିପରି ଆଲୋଚନା ଯାତ୍ରୀମାନଙ୍କ ମଧ୍ୟରେ ସ୍ୱଚ୍ଛତା, ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ନିରାପଦ, ସ୍ୱାସ୍ଥ୍ୟକର ଓ ଆରାମଦାୟକ ରେଳ ଯାତ୍ରା ପରିବେଶ ସୃଷ୍ଟିରେ ସେମାନଙ୍କ ଭୂମିକା ସମ୍ପର୍କରେ ସଚେତନତା ବୃଦ୍ଧି କରୁଛି । ରାୟଗଡ଼ା ରେଳ ମଣ୍ଡଳର ଏନଭାଇରନମେଂଟ ଆଣ୍ଡ ହାଉସକିପିଙ୍ଗ ମ୍ୟାନେଜମେଂଟ ଦଳ ବିଭିନ୍ନ ରେଳ ସେକ୍ସନ ଓ ଷ୍ଟେସନର ସ୍ୱାସ୍ଥ୍ୟ ନିରୀକ୍ଷକ, ବାଣିଜ୍ୟ ନିରୀକ୍ଷକ ଏବଂ ଷ୍ଟେସନ ପ୍ରବନ୍ଧକମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ କରିଥିଲା । ରେଳ ଅଧିକାରୀ, କର୍ମଚାରୀ, ଯାତ୍ରୀ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣ ସ୍ୱଚ୍ଛ ରେଳ ପରିସର ଓ ଉନ୍ନତ ଯାତ୍ରୀ ସେବା ପ୍ରତି ସମସ୍ତଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା । ସ୍ୱତନ୍ତ୍ର ଅଭିଯାନ ୬.୦ ଅଧୀନରେ ଏହିପରିଜନସମ୍ପର୍କକାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବତଟ ରେଳପଥର ରାୟଗଡ଼ା ରେଳ ମଣ୍ଡଳ ନିରାପଦ, ସ୍ୱଚ୍ଛ, ଦକ୍ଷ ଏବଂ ଯାତ୍ରୀ ଅନୁକୂଳ ରେଳ ସେବା ପ୍ରଦାନ ପ୍ରତିନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇବା ସହ ଏକ ସ୍ୱଚ୍ଛ ଓ ଦାୟିତ୍ୱପୂର୍ଣ୍ଣ ରେଳ ପରିବେଶ ଗଠନରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଛି ।

# ମାର୍ଶାଘାଇ ହାଇସ୍କୁଲ ପୁରାତନ ଛାତ୍ରସଂସଦର ୩୯ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୪/୧୦(ନି/ପ୍ର): ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରସଂସଦର ୩୯ତମ ବାର୍ଷିକ ଉତ୍ସବ ମହାନବମୀ ତିଥିରେ ବୁଧବାର ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରସଂସଦ ସଭାପତି ତଥା ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ମଧୁସୂଦନ ବେହେରା ସଭାପତିତ୍ୱ କରିଥିଲେ । ମାର୍ଶାଘାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ଫକୀର ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଉଚ୍ଚ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ସମ୍ପାଦକ ତଥା ପୁରାତନ ଛାତ୍ର ଦିଲ୍ଲୀପ କୁମାର ସାହୁ, ମଣି ନାଗେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପୁରାତନ ଛାତ୍ର ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ବାମଦେବ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ସହିତ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଛାତ୍ରସଂସଦର ପୂର୍ବତନ ସଭାପତି ଚନ୍ଦ୍ରମଣି ସାହୁଙ୍କର ଅଳ୍ପ ଦିନ ତଳେ ପରଲୋକ ହୋଇଥିବାରୁ ତାଙ୍କ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ପୁରାତନ ଛାତ୍ର ଆଇନଜୀବି ବିଚିତ୍ରାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମଂଚ ସଂଚାଳନ କରିଥିଲେ । ସମ୍ପାଦକ ହିମାଂଶୁ ଶେଖର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପୁରାତନ ଛାତ୍ର ତଥା ଗୁଇନ୍ଦା ବିଭାଗ ଡ଼ିଏସ୍‌ପି ପ୍ରେମାନନ୍ଦ ଲେଙ୍କା, ଇଂ ସୌମ୍ୟରଞ୍ଜନ ରଥ, ଇଂ ସଂଗ୍ରାମ କେଶରୀ ଜେନା, ପ୍ରବୋଧ ନାୟକ, ଭାବଗ୍ରାହୀ ମଲ୍ଲ, ଉମାକାନ୍ତ ଦାସ, ଅଧ୍ୟାପିକା ପ୍ରତିଜ୍ଞା ସାମଲ, ସୁଜାତା ସାମଲ, ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଜୁଆ ଅଡ୍ଡା ଉପରେ ପୁଲିସର ଚଢଉ, ୯ ଗିରଫ

ଗଞ୍ଜାମ,୨୪/୧୦(ନି/ପ୍ର): କେ ନୂଆଗାଁ ଥାନା ପୋଲିସ ଟିକରାପଡା ଗାଁରେ ଜୁଆ ଚାଲିଥିବା ଖବର ପାଇ ଗତକାଲି ବିଳମ୍ବିତ ରାତିରେ ସେଠାରେ ଚଢଉ କରିଥିଲା । ପୋଲିସକୁ ଦେଖି ଜୁଆଡି ଦୌଡିବାକୁ ଚେଷ୍ଟା କଲେ, ୯ଜଣ ଧରା ପଡିଲେ । ଏ ସଂକ୍ରାନ୍ତରେ ଥାନାରେ ୨୪୦/୨୬ ରେ ଏକ ମାମଲା ରୁଜୁ ହୋଇଛି ।

# ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ:
## ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ଓ ମୃଦଙ୍ଗମ ବାଦନରେ ଦର୍ଶକ ବିଭୋର

ଭୁବନେଶ୍ୱର,୨୪/୧୦(ନି/ପ୍ର): ତ୍ରିଧାରାଦ୍ୱାରା ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗସହଯୋଗରେ ଆୟୋଜିତ ୨୦ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ ୨୦୨୬ ଗୁରୁବାର ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଆନୁଷ୍ଠାନିକ ଭାବରେ ଉଦ୍ଘାଟିତ ହୋଇଯାଇଛି । ଏହି ଉତ୍ସବ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଉଦ୍ଘାଟନୀ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନା ଥିଲା ଭୁବନେଶ୍ୱରର ତ୍ରିଧାରାର କଳାକାରମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ "ରାଧା ପ୍ରେମ ଲୀଳା" । ଏହି ନୃତ୍ୟକୁ ଅଧିକ ସୁନ୍ଦର, ଆକର୍ଷଣୀୟ ଏବଂ ଅର୍ଥପୂର୍ଣ୍ଣ କରିବା ପାଇଁ, ଏଥିରେ ଶରୀରର ପ୍ରତ୍ୟେକ ଗତିଭଙ୍ଗୀ ଓ ଅଙ୍ଗଭଙ୍ଗୀକୁ ମୌଳିକ ଭାବନାତ୍ମକ ପଦକ୍ଷେପ, ତାଳବଦ୍ଧ ଢାଚାଂ ଏବଂ ପାଦଚାଳନା ସହିତ ସୁସଂଯୋଜିତ କରାଯାଇଛି । ଏହି ନୃତ୍ୟାବଳୀର କଳାତ୍ମକ ନିର୍ଦ୍ଦେଶନା ଓ ନୃତ୍ୟ ସଂଯୋଜନା ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା କରିଥିବା ବେଳେ, ଏଥିରେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଓ ଶ୍ରୀମତୀ ସଙ୍ଗୀତା ପଣ୍ଡା ଏବଂ ତାଳ ସଂଯୋଜନା କରିଥିଲେ ଗୁରୁ ସଚ୍ଚିଦାନନ୍ଦ ଦାସ । ଏହା ପରେ ବିଶିଷ୍ଟ ମୃଦଙ୍ଗମ୍ ବାଦକ ପଦ୍ମଶ୍ରୀ ୟେଲ୍ଲା ଭେଙ୍କଟେଶ ରାଓଙ୍କ ଦ୍ୱାରା ଏକକ ମୃଦଙ୍ଗମ୍ ବାଦନ ପରିବେଷିତ ହୋଇଥିଲା । ତାଙ୍କ ଉପସ୍ଥାପନାରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ତାଳ ସମୃଦ୍ଧି ଏବଂ ପାରମ୍ପରିକ ଐତିହ୍ୟ ପ୍ରଦର୍ଶିତ ହୋଇଥିଲା । ତାଙ୍କ ବାଦ୍ୟର ଜଟିଳ ତାଳ ଢାଚାଂ, ବୈଷୟିକ ଚମତ୍କାରତା ଏବଂ ଆତ୍ମାପୂର୍ଣ୍ଣ ଉପସ୍ଥାପନା ସହିତ ଦର୍ଶକମାନଙ୍କୁ ବିମୋହିତ କରିଥିଲା, ଯାହା କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ର ସାଂସ୍କୃତିକ ଦିଗ ଯୋଡିଥିଲା । ଉଦ୍ଘାଓ୍ୱଟନୀ ଉତ୍ସବର ଅତିଥିମାନେ ଥିଲେ ଯାଜପୁରର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା; ଓଡ଼ିଶା ସରକାରଙ୍କ ରାଜସ୍ୱ ପରିଷଦର ପୂର୍ବତନ ସଦସ୍ୟ ଅଶୋକ କୁମାର ତ୍ରିପାଠୀ; ମୁଖ୍ୟ ଆୟକର କମିଶନର ପ୍ରଫୁଲ୍ଲ କୁମାର ଦାସ; ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀଯୁକ୍ତ ସୁରଥ ବିଶ୍ୱାଳ; ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟିର ପ୍ରତିଷ୍ଠାତା ପଣ୍ଡିତ ପ୍ରସନ୍ନଜିତ ପୋଦ୍ଦାର; ପ୍ରସାର ଭାରତୀର ପୂର୍ବତନ ମୁଖ୍ୟ କାର୍ଯ୍ୟନିବାହୀସୁରେଶ ଚନ୍ଦ୍ର ପଣ୍ଡା; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶିକାଶ୍ରୀମତୀ ସୁଚିସ୍ମିତା ମନ୍ତ୍ରୀ; ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସିମାଚଂଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା । ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପରମ୍ପରାର ପ୍ରତିନିଧିତ୍ୱ କରୁଥିବା ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ପରିବେଷିତ କାର୍ଯ୍ୟକ୍ରମ ମାଧ୍ୟମରେ, ଏହି ଉତ୍ସବ କଳା ଓ ସଂସ୍କୃତି ଅନୁରାଗୀମାନଙ୍କୁ ଏକ ସମୃଦ୍ଧ ଅନୁଭୂତି ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ ।



କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ସୋସୋ ଗ୍ରାମରେ ଶାରଦୀୟ ଦୁର୍ଗାପୂଜା ଉଦ୍‌ଯାପିତ

## ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ନୃତ୍ୟଶିଳ୍ପୀ କଳ୍ପନା ବ୍ୟାସଙ୍କୁ ଚାଦୋତରା ଦୁର୍ଗା ପୂଜା କମିଟିର ସମ୍ମାନ

ବଲାଙ୍ଗୀର,୨୪/୧୦(ନି/ପ୍ର): ବଲାଙ୍ଗୀରର ବଙ୍ଗୋମୁଣ୍ଡା ବ୍ଲକ ଚାଦୋତରା ରେ ପଶ୍ଚିମ ଓଡ଼ିଶା ର ପ୍ରସିଦ୍ଧ ନୃତ୍ୟଶିଳ୍ପୀ କଳ୍ପନା ବ୍ୟାସ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଖବର ଅନୁସାରେ ଚାଦୋତରା ଗ୍ରାମରେ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ଏ ବର୍ଷର ଦୁର୍ଗା ପୂଜା ଅତ୍ୟନ୍ତ ଧୁମଧାମରେ ପାଳନ କରାଯାଇଛି । ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି । ଏହି ଅବସରରେ ଆୟୋଜନକ କମିଟି ପକ୍ଷରୁ ମାଟି ର ଜଣେ ଚର୍ଚ୍ଚିତ ଯୁବ ପ୍ରତିଭା ସମ୍ମାନ ରେ କଳ୍ପନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେପଟେ କମିଟି ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ମଧ୍ୟ ସେ ବିଚାରକ ଭାବେ ଯୋଗ ଦେଇଥିଲେ । ଏବଂ ପଶ୍ଚିମ ଓଡ଼ିଶାରେ ଜଣେ ନୃତ୍ୟ ବିଚାରକ ଭାବେ ସେ ବେଶ ପରିଚିତ ରହିଛନ୍ତି ।

# ଡ଼ଙ୍ଗା ବୁଡି ୨ ନିଖୋଜ

ଧର୍ମଶାଳା,୨୪/୧୦(ନି/ପ୍ର): ଯାଜପୁର ସଦର ଥାନା ଅଂଚଳରେ ଅଭାବନୀୟ ଘଟଣା । ଦୁର୍ଗାପୂଜା ଭସାଣୀ ଉତ୍ସବ ଦେଖିବାକୁ ଯିବା ହେଲା କାଳ । ଭସାଣି ଦେଖି ଘରକୁ ଫେରିବା ବେଳେ ଘଟିଲା ଅଘଟଣ । ଡ଼ଙ୍ଗା ବୁଡି ୨ ନିଖୋଜ ହୋଇଯାଇଥିବା ବେଳେ ଅନ୍ୟ ୨ ଜଣ ଉଦ୍ଧାର ହୋଇଥିବା ଜଣାପଡ଼ିଛି । ନିଖୋଜ ହୋଇଥିବା ବ୍ୟକ୍ତି ମାନେ ଶୁଭଙ୍କର ଦଳାଇ, ମଣିଆ ଦଳାଇ । ଡ଼ଅଁରକୂଳକୁ ଦୁର୍ଗାପୂଜା ଭସାଣି ଦେଖିବାକୁ ଗତକାଲି ମହମ୍ମଦଜମାଲପୁରରୁ ବୁଲିବାକୁ ଯାଇଥିଲେ । ଆଜି ସକାଳ ପ୍ରାୟ ୮ଟା ସମୟରେ ତନ୍ତୀଘାଇ ନଦୀ ଦଉରୀବନ୍ଧା ଘାଟରେ ନଦୀ ପାର୍ ହେବା ସମୟରେ ଘଟିଛି ଏହି ଅଘଟଣ । ନଦୀ ପାର୍ ହେଉଥିବା ବେଳେ ଏହି ମାଛ ଧରା ଡ଼ଙ୍ଗାଟି ବୁଡିଯାଇଥିଲା । ଡ଼ଙ୍ଗାରେ ୪ ଜଣ ସବାର ଥିଲେ । ଖବର ପାଇ ହେମଲତା ଦଳାଇ ତାଙ୍କ ଝିଅ ଭାମା ଦଳାଇଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକ ମେଡିକାଲ ନେଇଥିବା ବେଳେ ଏବେ ବି ଅନ୍ୟ ୨ଜଣ ନିଖୋଜ ଅଛନ୍ତି । ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

# କେନ୍ଦୁଝର ଝୁମ୍ପୁରାରେ ଟ୍ରକ୍ ଧକ୍କାରେ ବୃଦ୍ଧା ମୃତ
## କଟଲପଶି ଛକରେ ରାସ୍ତା ଅବରୋଧ

ଝୁମ୍ପୁରା,୨୪/୧୦(ନି/ପ୍ର): ଝୁମ୍ପୁରା ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର କଟଲପଶି ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ବୃଦ୍ଧା ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ରିମୁଳି ଫାଣ୍ଡି ଅଧିନ ପ୍ରତାପପଶି ଗ୍ରାମର ନିରାଶ ମହାନ୍ତ ( ୬୦ ବର୍ଷ) ଅଟନ୍ତି । ସୂଚନାମୁତାବକ, ନିରାଶ ମହାନ୍ତଙ୍କ ଜଣେ ସମ୍ପର୍କୀୟଙ୍କ ମୋଟର ସାଇକଲର ପଛରେ ବସି ନିଜ ସମ୍ପର୍କୀୟଙ୍କ ଘର ଘୁଟିଂପଶି ଯାଉଥିଲେ । ଏହି ସମୟରେ କଟଲପଶି ଛକ ନିକଟରେ ମୋଟରସାକଲ୍‌କୁ ଏକ ଟ୍ରକ୍ ଧକ୍କା ଦେଇଥିଲା । ମୋଟରସାଇକଲ୍‌ରୁ ଛିଟିକି ପଡ଼ି ତଳେ ବଡ଼ିଯାଇଥିଲେ । ମୁଣ୍ଡରେ ଗଭୀର ଆଘାତ ଲାଗି ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଏହାକୁ ନେଇ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିବାବେଳେ କିଛି ସମୟ ପାଇଁ ଉନ୍ମତ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ । ପ୍ରଶାସନ ପହଚିଂ ବୁଝସୁଝା କରିବା ପରେ ରାସ୍ତାରୋକ ହଟିଥିଲା । ଝୁମ୍ପୁରା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବିବିଧା

## ରାଶିଫଳ

ମେଷ: ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

ବୃଷ: ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ମିଥୁନ: ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

କର୍କଟ: ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

ସିଂହ: ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

କନ୍ୟା: କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

ତୁଳା: ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

ବିଛା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

ଧନୁ: ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

ମକର: କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

କୁମ୍ଭ: କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

ମୀନ: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

## ଆଜିର ଦିନରେ

- ୧୯୩୩- ପ୍ରଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ୍ ଜର୍ମାନରୁ ଆମେରିକା ଚାଲିଗଲେ।
- ୧୯୭୯- ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଗଲା।
- ୧୯୯୮- ନାଇଜେରିଆରେ ଏକ ପାଇପ୍ ଲାଇନ୍‌ରେ ବିସ୍ଫୋରଣ ଯୋଗୁଁ ୧୦୮୨ ଲୋକଙ୍କ ମୃତ୍ୟୁ।
- ୨୦୦୯-ମାଳଦ୍ୱୀପ ପାଣି ଭିତରେ ପ୍ରଥମ କ୍ୟାବିନେଟ୍ ବୈଠକ ଡାକି ବିଶ୍ୱର ସବୁଦେଶକୁ ଜଳବାୟୁ ପରିବର୍ତ୍ତନର ବିପଦକୁ ଜଣାଇବା ପାଇଁ ଚେଷ୍ଟା କରିଥିଲା।

## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଧୂପକାଠି ଧୂଆଁ



ହିନ୍ଦୁ ଧର୍ମରେ ପୂଜା, ହୋମଯଜ୍ଞ ଆଦି ସମୟରେ ଧୂପକାଠି ଜଳାଯାଇଥାଏ। ଏହା ଘରେ ସକାରାତ୍ମକ ଶକ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି । ଧୂପକାଠିର ସୁଗନ୍ଧରେ ପରିବେଶ ମହକିବା ସହ ସକାରାତ୍ମକ ଓ ଆଧ୍ୟାତ୍ମିକ ବାତାବରଣ ଖେଳିଯାଏ। ହେଲେ ଏହାର ଧୂଆଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏପରିକି ଏହି ଧୂଆଁ ଧୀରେ ଧୀରେ ଗମ୍ଭୀର ରୋଗର କାରଣ ହୋଇପାରେ। ଏଥିରେ ବ୍ୟବହାର ହେଉଥିବା ରସାୟନ ଏବଂ ସୁଗନ୍ଧିତ ତତ୍ତ୍ୱ ଜଳିବା ଦ୍ୱାରା ହାନିକାରକ ଗ୍ୟାସ୍ ନିର୍ଗତ ହୁଏ। ଏଥିରୁ କାର୍ବନ ମନୋକସାଇଡ୍, ବେନଜେନ୍, ଫରମାଲଡିହାଇଡ୍ ତତ୍ତ୍ୱ ମିଳିଥାଏ। ତେଣୁ ଲଗାତାର ଧୂପକାଠି ଧୂଆଁ ସଂସ୍ପର୍ଶରେ ଆସିଲେ ଏହା ଫୁସ୍‌ଫୁସ୍ ପାଇଁ କ୍ଷତିକାରକ ହୋଇଥାଏ। ଏହାର ବାଷ୍ପ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଗଲେ ଏହା ଅନେକ ଗମ୍ଭୀର ରୋଗର କାରଣ ମଧ୍ୟ ହୋଇପାରେ। ସେହିପରି ଧୂଆଁରେ ଥିବା ରସାୟନ ଚର୍ମ ଓ ଚକ୍ଷୁକୁ କ୍ଷତି ପହଞ୍ଚାଏ। ଏପରିକି ଏହା ହୃଦ୍‌ଯନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଏ। ତେବେ ଲଗାତାର ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଥାଏ। ତେଣୁ ଏହାକୁ ସାବଧାନତାର ସହ ବ୍ୟବହାର କରିବା ଦରକାର। ଏହାକୁ ବ୍ୟବହାର କରିବା ବେଳେ ଘରେ ବାୟୁଚଳାଚଳ ହେଉଥିବା ଆବଶ୍ୟକ। ନିତିଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂପକାଠି ଜାଳିବା ଅନୁଚିତ। ପିଲା ଓ ବୟସ୍କଙ୍କ ରୁମ୍‌ରେ ଧୂପକାଠି ବ୍ୟବହାର ନ କରିବା ଭଲ। ତେବେ ପରିବେଶକୁ ସୁଗନ୍ଧିତ ରଖିବାକୁ ଚାହୁଁଥିଲେ ଏସେନସିଆଲ ଅଏଲ ଡିଫ୍ୟୁଜର ବ୍ୟବହାର କରିବା ହେଉଛି ଏକ ଉତ୍ତମ ବିକଳ୍ପ। ଅନ୍ୟପଟେ ପ୍ରାକୃତିକ ଫୁଲକୁ ଘରେ ରଖିଲେ ପରିବେଶ ସୁଗନ୍ଧମୟ ହୋଇଥାଏ।

## ସବୁଠୁ ଅଧିକ ବିଜୁଳି ମାରେ ଏହି ସ୍ଥାନକୁ

ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପ୍ରତ୍ୟେକ ରାତିରେ ଶହ ଶହ ଥର ବିଜୁଳି ମାରିଥାଏ। ଏହି ସ୍ଥାନଟି ହେଉଛି କେଟାଟୁମ୍ବୋ ଲାଇଟ୍‌ନିଂ। ଏହା ଭେନେଜୁଏଲାର ଝୁଲିଆ ରାଜ୍ୟରେ ଅବସ୍ଥିତ। ଏଠାରେ କେଟାଟୁମ୍ବୋ ନଦୀର ସଙ୍ଗମ ବା ମିଳନ ମିରାକାଇବୋ ହ୍ରଦ ସହ ହୋଇଛି। ଏହି ଅଞ୍ଚଳର ଭୌଗୋଳିକ ସଂରଚନା ଏବଂ ଜଳବାୟୁ ଏତେ ନିଆରା ଯେ, ଏହି ସ୍ଥାନ ବିଜୁଳି ଓ ବଜ୍ରପାତ ଲାଗି ପରିଚିତ। ସେହିପରି ଏଠାକାର ଦୃଶ୍ୟ କୌଣସି ଫିଲ୍ମ ସେଟ୍‌ଠାରୁ କମ୍ ନୁହେଁ। କୋଟାଟୁମ୍ବୋ ଲାଇଟନିଂ ଅଞ୍ଚଳରେ ବର୍ଷକୁ ପ୍ରାୟ ୨୮୦ ରାତି ବିଜୁଳି ମାରେ ବୋଲି ବିଶେଷଜ୍ଞମାନେ କହନ୍ତି। କେବଳ ସେତିକି ନୁହେଁ, ଗୋଟିଏ ରାତିରେ ପ୍ରାୟ ୧୦ ଘଣ୍ଟା ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ତେଣୁ ଏଥିରୁ ଏକପ୍ରକାର ଏହି କଥା ସ୍ପଷ୍ଟ ହେଉଛି ଯେ, ଏଠାକାର ଆକାଶ କେବେ ବି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ନ ଥାଏ। ଗୋଟିଏ ରାତିରେ ଏଠାରେ ୧୦୦ରୁ ୩୦୦ ଥର ବିଜୁଳି ମାରିବାର ନଜିର ରହିଛି। ଏହି କାରଣରୁ ଏହାକୁ ବିଶ୍ୱର ସର୍ବାଧିକ ବିଜୁଳି ମାରିବା ସ୍ଥାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛି। ସେହିପରି ଏଠାକାର ବିଜୁଳି ମାରିବା ଦୃଶ୍ୟ ଏତେ ବେଶୀ ଉଜ୍ଜ୍ୱଳ ଯେ, ଏହାକୁ ୫୦ କିଲୋମିଟର ଦୂରରୁ ଦେଖିବା ସମ୍ଭବ। ଏ ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ଲାଗି କେବଳ ଗବେଷଣାର ବିଷୟ ନୁହେଁ, ବରଂ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ରାତିର ଅନ୍ଧାରରେ ନିରନ୍ତର ବିଜୁଳି ମାରିବାର ଚମକ ଆକାଶକୁ ଏକ ବିଶାଳ ଆଲୋକ ପ୍ରଦର୍ଶନୀ ବା ଲାଇଟ୍ ଶୋ'ରେ ରୂପାନ୍ତରିତ କରିଥାଏ। ଏଠାରେ ପ୍ରତି ସମୟରେ ବିଜୁଳି କାହିଁକି ଗର୍ଜେ, ତାର ରହସ୍ୟ କାହାକୁ ଜଣା ନାହିଁ। ସାଧାରଣତଃ ଗୋଟିଏ ସ୍ଥାନରେ ଏକା ସାଙ୍ଗରେ ଏକରୁ ଅଧିକ ବିଜୁଳି ଗର୍ଜି ନ ଥାଏ। କିନ୍ତୁ ଏଠାରେ ଗୋଟିଏ ସ୍ଥାନରେ ହଜାର ହଜାର ବିଜୁଳି ଏକା ସମୟରେ ଗର୍ଜିଥାଏ। ୧୯୬୦ ମସିହାରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଏହି ସ୍ଥାନରେ ୟୁରାନିୟମର ମାତ୍ରା ଅଧିକ ରହିଛି, ତେଣୁ ଏଭଳି ଘଟଣା ଘଟୁଛି। ବୈଜ୍ଞାନିକମାନେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ କରିଛନ୍ତି। ଏଠାରେ ମିଥେନର ମାତ୍ରା ଅଧିକ କାରଣରୁ ଏମିତି ଘଟୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ଏବେବି ଏହି ୨ଟି ତଥ୍ୟକୁ ନେଇ କୌଣସି ସଠିକ ପ୍ରମାଣ ମିଳିନାହିଁ। ତେଣୁ ଏବେ ବି ଏହା ରହସ୍ୟ ଘେରରେ ରହିଛି।



## 'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ



'ନୋ ଏଣ୍ଟ୍ରି ୨'ରେ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅର୍ଜୁନ୍ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ। କିନ୍ତୁ ଏବେ ଏହାର ଦୁଇ ଜଣ କଳାକାର ଫିଲ୍ମ ଛାଡ଼ି ଦେଇଛନ୍ତି। କିଛି ଦିନ ପୂର୍ବରୁ ଦିଲଜିତ୍ ଏଥିରୁ ବାହାରି ଯାଇଥିଲେ। ଏବେ ବରୁଣ ମଧ୍ୟ ଫିଲ୍ମ ଛାଡ଼ି ଦେଇଥିବା କିଛି ରିପୋର୍ଟରେ ପ୍ରକାଶ ପାଇଛି। 'ନୋ ଏଣ୍ଟ୍ରି ୨' ୨୦୦୫ରେ ଆସିଥିବା ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ। ମୂଳ ଫିଲ୍ମରେ ସଲମାନ୍ ଖାନ୍, ଫରଦିନ ଖାନ୍, ଅନୀଲ କପୁର ଦେଖାଯାଇଥିଲେ। ଏହାର ସିକ୍ୱେଲ ନିର୍ମାଣ ବିଷୟରେ ଫିଲ୍ମ ନିର୍ମାତା ଘୋଷଣା କରିବାରୁ ଏଥିରେ ପୁଣି ଥରେ ମୂଳ କଳାକାରମାନେ ନଜର ଆସିବେ ବୋଲି ଦର୍ଶକେ ଭାବୁଥିଲେ। କିନ୍ତୁ ଏଥିରେ ବରୁଣ, ଦିଲଜିତ୍ ଓ ଅର୍ଜୁନ୍‌ଙ୍କୁ ବ୍ରେକ୍ ମିଳିଥିଲା। ବରୁଣ ଏବେ 'ଭେଡିୟା ୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ୨୦୨୬ ଜୁନ୍ ମାସ ବେଳକୁ ସେ ଫ୍ରି ହେବେ। ବରୁଣଙ୍କ ଯୋଗୁଁ 'ନୋ ଏଣ୍ଟ୍ରି ୨'ର ସୁଟ୍ ଅଟକିଯିବ ଅନୁଭବ କରି ସେ ଫିଲ୍ମ ଛାଡ଼ି ଦେଇଛନ୍ତି। ଇତିମଧ୍ୟରେ ଦିଲଜିତ୍ ଓ ବରୁଣ ଫିଲ୍ମ ଛାଡ଼ି ଦେଇଥିବାରୁ ଏବେ ଫିଲ୍ମ ନିର୍ମାତା ଦୁଇଜଣ ନୂଆ କଳାକାରଙ୍କ ସନ୍ଧାନରେ ଅଛନ୍ତି। ଅନୀସ ବଜ୍‌ମୀ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିପରି ବରୁଣ ଓ ଦିଲଜିତ୍ ଏକାସଙ୍ଗେ 'ବର୍ଡର ୨' ଫିଲ୍ମରେ ନଜର ଆସିବେ।




## ବିଶ୍ୱ ଆଘାତ ଦିବସ

**ବର୍ତ୍ତମାନ ସମୟରେ ଟ୍ରମା ବା ମାନସିକ ଆଘାତ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହା ଅକସ୍ମାତ୍ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହି ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖକୁ ବିଶ୍ୱ ଟ୍ରମା ଦିବସ ଭାବେ ପାଳନ କରାଯାଇଆସୁଛି। ଟ୍ରମା ପୀଡ଼ିତଙ୍କୁ ସମର୍ଥନ କରିବା ତଥା ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ।**



ଟ୍ରମା ଯେକୌଣସି ବୟସରେ ହୋଇପାରେ। ଟ୍ରମାଟିକ୍ ଆଘାତ ପାଇ ଅଧିକାଂଶ ଦିବ୍ୟାଙ୍ଗ ହୋଇଯାଆନ୍ତି। ଏଥିରେ ମସ୍ତିଷ୍କ ଆଘାତ ମୁଖ୍ୟ ସମସ୍ୟା। ସଡ଼କ ଦୁର୍ଘଟଣା, ହିଂସା, ପ୍ରାକୃତିକ ବିପର୍ଯ୍ୟୟ, ଆଦି ଜଣଙ୍କୁ ଆଘାତ ଦେଇଥାଏ। ଆଘାତର ପ୍ରଭାବ ପ୍ରତ୍ୟେକଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଭାବେ ଦେଖାଯାଇଥାଏ। ଶରୀର ଯନ୍ତ୍ରଣା ହେବା, ଥକ୍କାପଣ, ଚିନ୍ତା, କ୍ରୋଧ, ଅନିଦ୍ରା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ। ରୋଗର ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶରେ ସିଟି ଏବଂ ଏମ୍‌ଆର୍‌ଆଇ ସ୍କାନ କରାଯାଏ। ଅଭିଜ୍ଞ ଟ୍ରମା ସ୍ପେଶାଲିଷ୍ଟ, ନ୍ୟୁରୋସର୍ଜନ, ହୃଦ୍‌ରୋଗ ବିଶେଷଜ୍ଞ, ଅର୍ଥୋପେଡିକ୍‌ଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଯୋଗାଇ ହୁଏ। ବିଶ୍ୱ ଆଘାତ ଦିବସରେ ସ୍କୁଲ, କଲେଜ ତଥା ବିଭିନ୍ନ ସଂଗଠନରେ ଟ୍ରମା ପୀଡ଼ିତଙ୍କୁ ମାନସିକସ୍ତରରେ କିପରି ସାହାଯ୍ୟ ଯୋଗାଇ ହେବ ସେନେଇ ଜାଗ୍ରତ କରାଯାଏ। ଏନେଇ ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସହିତ ଅଧିକ ଟ୍ରମା କେୟାର ସେଣ୍ଟରମାନ ରହିଛି।

## ସ୍ମାର୍ଟ ଡେଣ୍ଟାଲ ମେସିନ୍: ଦୁଇ ମିନିଟ୍‌ରେ ମିଳିବ ଦାନ୍ତ ରିପୋର୍ଟ




ଦାନ୍ତବିନ୍ଧା ଏକ ସାଧାରଣ ସମସ୍ୟା। ଦାନ୍ତ ପୋକ ଖାଇଲେ, ଅଧା ଭାଙ୍ଗିଗଲେ, ମାଢ଼ି ସଂକ୍ରମଣ ଆଦି କାରଣରୁ ଦାନ୍ତ ବିନ୍ଧା ହୋଇଥାଏ। ଦାନ୍ତ ବିନ୍ଧା ଯୋଗୁଁ କାନ, ବେକରେ ଯନ୍ତ୍ରଣା ହୁଏ। ତେଣୁ ଦାନ୍ତର ସଠିକ୍ ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶରେ ନିୟମିତ ଦାନ୍ତ ପରୀକ୍ଷା କରାଯାଏ। ହେଲେ ଏବେ ଦିଲ୍ଲୀ, ମୌଲାନା ଆଜାଦ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସରେ ଏକ ସ୍ମାର୍ଟ ଡେଣ୍ଟାଲ ମେସିନ୍ ଲଗାଯାଇଛି। ଯାହାଦ୍ୱାରା ଜଣେ ବ୍ୟକ୍ତି ନିଜେ ନିଜର ଦାନ୍ତ ସ୍କାନ କରି ଏହାର ସୁସ୍ଥତା ବିଷୟରେ ଜାଣିପାରିବେ। ଏହି ମେସିନ୍‌ଟି ଏଆଇ ଆଧାରିତ ସ୍କାନ୍‌ଓ ଏୟାର ମେସିନ୍। ଏଆଇ ଆଧାରିତ ନାବୀ ରୋବଟ ଏହି ଯାଞ୍ଚରେ ସାହାଯ୍ୟ କରିବ। ଏଥିପାଇଁ ଜଣେ ମେସିନ୍ ପାଖେ ଛିଡା ହୋଇ ନିଜର ମୋବାଇଲ ନମ୍ବର, ନାଁ, ଲିଙ୍ଗ, ବୟସ ଆଦିର ସୂଚନା ଦିଅନ୍ତି। ମେସିନ୍‌ରେ ଲାଗିଥିବା କ୍ୟାମେରା ବ୍ୟକ୍ତିଙ୍କ ଦାନ୍ତକୁ ସ୍କାନ କରି ଫଟୋ ନେଇଥାଏ। ସ୍କାନ ହୋଇଥିବା ଫଟୋ ଆଧାରରେ ଏକ୍ସରେ ରିପୋର୍ଟର ମୂଲ୍ୟାଙ୍କନ ହୁଏ। ଦୁଇ ମିନିଟ୍‌ରେ ରିପୋର୍ଟ ଦିଏ। ରିପୋର୍ଟଟି ପୀଡ଼ିତଙ୍କ ହ୍ୱାଟସଅପ୍‌କୁ ପଠାଯାଏ। ରିପୋର୍ଟ ଆଧାରରେ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ପାଆନ୍ତି। ଏହି ମେସିନ୍ ସାହାଯ୍ୟରେ ଦାନ୍ତଜନିତ ରୋଗ ତଥା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାରେ ଜଣାପଡ଼ିବ।

## ଶିଶୁ କର୍କଟ

### ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଜରୁରି



**ଦୈନନ୍ଦିନ ଜୀବନଚର୍ଯ୍ୟା, ଖାଦ୍ୟପେୟ ଶୈଳୀ, ଶାରୀରିକ ନିଷ୍କ୍ରିୟତା, ବଂଶାନୁଗତ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। ଏହି ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡିତ । ହେଲେ ଏବେ ଶିଶୁ କର୍କଟ ବୈଶ୍ୱିକସ୍ତରରେ ଚିନ୍ତା ସୃଷ୍ଟି କରୁଛି। ଛୋଟ ପୁଅ-ଝିଅଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାର କର୍କଟ ଦେଖାଯାଉଛି। ତେଣୁ ଏହି କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।**

ଶିଶୁ କର୍କଟ ଏକ ବିରଳ ରୋଗ । ମୁଖ୍ୟତଃ ପ୍ରଦୂଷଣ, ପରିବେଶଗତ ସମସ୍ୟା, ବଂଶାନୁଗତ, ମା'ମାନେ ନିଶାସେବନ ବା ଧୂମପାନ କରିବା, ଗର୍ଭାବସ୍ଥାରେ ମାତୃସ୍ୱାସ୍ଥ୍ୟ ସଂକ୍ରମଣ ଏବଂ ନିର୍ଦ୍ଦିଷ୍ଟ ଜେନେଟିକ୍ ଅବସ୍ଥା ପରି କାରଣଗୁଡ଼ିକ ଶିଶୁ କର୍କଟର ରୋଗର ବିପଦକୁ ପ୍ରଭାବିତ କରିପାରେ।

**ପୁଅଙ୍କୁ ଲ୍ୟୁକେମିଆ ଓ ଝିଅଙ୍କୁ ୱିଲମ୍ସ ଟ୍ୟୁମରର ବିପଦ**

ପୁଅ ଓ ଝିଅଙ୍କ ମଧ୍ୟରେ କର୍କଟ ବିପଦର ସାମାନ୍ୟ ପାର୍ଥକ୍ୟ ଦେଖାଯାଏ। ସ୍ୱାସ୍ଥ୍ୟ ଗବେଷଣାରୁ ଜଣାପଡ଼ିଛି ଯେ, ପୁଅଙ୍କୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ ଟ୍ୟୁମର ଏବଂ ନ୍ୟୁରୋବ୍ଲାଷ୍ଟୋମା ଭଳି କର୍କଟ ବିପଦ ଅଧିକ ଥିବାବେଳେ ଝିଅଙ୍କ କ୍ଷେତ୍ରରେ ୱିଲମ୍ସ ଟ୍ୟୁମର(ବୃକ୍କ ଟ୍ୟୁମର) ଅଧିକ ଦେଖାଯାଏ। ଏହି ଲିଙ୍ଗଗତ ପାର୍ଥକ୍ୟ ପଛରେ କାରଣକୁ ଏବେବି ବିଶେଷଜ୍ଞମାନେ ଅନୁସନ୍ଧାନ କରୁଛନ୍ତି।

ଲକ୍ଷଣକୁ ବୁଝନ୍ତୁ: ଶିଶୁଙ୍କଠାରେ ଲଗାତାର ଅସାଧାରଣ ଲକ୍ଷଣ ଯେପରିକି ବିନା କାରଣରେ ଓଜନ କମ୍ ହେବା, ଥକ୍କାପଣ, ଦୀର୍ଘ ସମୟ ଧରି ଜ୍ୱର ରହିବା, ଲସିକା ଗ୍ରନ୍ଥି ଫୁଲି ରହିବା, ତ୍ୱଚା ହଳଦିଆ ପଡ଼ିବା, ହାଡ଼ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ ବୟସ୍କ କର୍କଟ ରୋଗ ପରି ନୁହେଁ। ଡାଉନସିଣ୍ଡ୍ରୋମ, ଏଚ୍‌ଆଇଭି, ଏପଷ୍ଟିନ୍-ବାର ଭୂତାଣୁ, କିମ୍ବା ବଂଶାନୁଗତ ସମସ୍ୟା ଥିଲେ ଗର୍ଭାବସ୍ଥା ସମୟରେ ବି ମା' ମାନେ ସ୍କ୍ରିନିଂ କରାଇ ପାରିବେ।

କର୍କଟ ଆଶଙ୍କାକୁ କମ୍ କରିବାର ଉପାୟ: ତେଲ ଛଣା, ରାଗ ଓ ମସଲା ଖାଦ୍ୟ ବଦଳରେ ଶିଶୁଙ୍କୁ ବିଭିନ୍ନ ପ୍ରକାର ଫଳ, ପନିପରିବାଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ମା'ମାନେ ଫୋଲିକ ଏସିଡ୍ ଯୁକ୍ତ ପ୍ରିନାଟାଲ ଭିଟାମିନ୍ ଗ୍ରହଣ କରିବା ଦ୍ୱାରା ଲ୍ୟୁକେମିଆ ଏବଂ ମସ୍ତିଷ୍କଟ୍ୟୁମର ବିପଦ ହ୍ରାସ ହୋଇଥାଏ। ପିଲାଙ୍କୁ ଖେଳକୁଦ ତଥା ଶାରୀରିକ ସକ୍ରିୟ ରହିବାକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ୍ ସମୟ କମ୍ କରିବା ସହ ଧୂଆଁ, ବାୟୁ ପ୍ରଦୂଷଣ, ଏକ୍ସରେ କିମ୍ବା ସିଟିସ୍କାନ ଭଳି ଅନାବଶ୍ୟକ ପରୀକ୍ଷା ଆଦିରୁ ପିଲାଙ୍କୁ ଦୂରେଇ ରଖନ୍ତୁ। ଭିଟାମିନ୍ ଡି ସେବନ କର୍କଟ ଆଶଙ୍କାକୁ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।

ଶିଶୁଙ୍କୁ ହେପାଟାଇଟିସ୍ ବି (ଏଚ୍‌ବିଭି) ଏବଂ ହ୍ୟୁମାନ୍ ପାପିଲୋମା ଭୂତାଣୁ (ଏଚ୍‌ପିଭି) ପରି ଟିକାକରଣ କରିବାକୁ ଭୁଲନ୍ତୁନି। ଏହା ଯକୃତ କର୍କଟ ତଥା ଅନ୍ୟାନ୍ୟ କର୍କଟରୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଅସ୍ୱାଭାବିକ ଲକ୍ଷଣ ଦୀର୍ଘ ସମୟ ଧରି ଦେଖାଗଲେ ଶିଶୁ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ। ନିୟମିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପ୍ରାଥମିକ ଅବସ୍ଥାରୁ ଜଣାପଡ଼ିଥାଏ।

## ଶରୀରକୁ ସୁସ୍ଥ ରଖେ ସଜନା ପତ୍ର ଚୂର୍ଣ୍ଣ

**ଆୟୁର୍ବେଦରେ ସଜନା ପତ୍ରକୁ ସବୁଠୁ ଶକ୍ତିଶାଳୀ ଔଷଧ ଭାବେ ବିବେଚନା କରାଯାଏ। ଏହି ପତ୍ରରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ, ପ୍ରୋଟିନ୍ ଆଦି ପ୍ରଚୁରମାତ୍ରାର ରହିଛି। ତେଣୁ ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ଦୂର ହୋଇଥାଏ।**

- ସଜନା ପତ୍ରକୁ ଛାୟା ଶୁଷ୍କ କରି ଚୂର୍ଣ୍ଣ କରି ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଥକ୍କାପଣ ଦୂର ହୁଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରାଏ। ଶରୀରକୁ ସୁସ୍ଥ ରଖେ।
- ସଜନା ପତ୍ରରେ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ଜ୍ୱର, ଥଣ୍ଡା, ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥାଏ।
- ସଜନାପତ୍ର ଚୂର୍ଣ୍ଣ ନିୟମିତ ଖାଇଲେ ମାଂସପେଶୀ ଶକ୍ତ ହୋଇଥାଏ। ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଭଲ। ଏହି ଚୂର୍ଣ୍ଣ ପାଚନକ୍ରିୟାକୁ ସକ୍ରିୟ କରି କୋଷ୍ଠକାଠିନ୍ୟ, ଗ୍ୟାସ୍ ଆଦି ଦୂର କରେ।
- ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେଇ ଏହି ଚୂର୍ଣ୍ଣକୁ ଅନୁମୋଦିତ ହାରରେ ଦୁଗ୍ଧ, ପାଣି କିମ୍ବା ଜୁସ୍‌ରେ ମିଶାଇ ସକାଳୁ ଖାଲି ପେଟରେ କିମ୍ବା ଖାଇବା ପରେ ସେବନ କରିପାରିବେ। କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶରେ ଏହାକୁ ସେବନ କରିବା ଆବଶ୍ୟକ।



ଉତ୍କଳ ସମାଚାର

## ସମ୍ପାଦକୀୟ...

ରବିବାର ୨୫ ଅକ୍ଟୋବର ୨୦୨୬

# ଯଦି କାହାଣୀ ହୁଏ ଚରିତ୍ର

## ପରାଗ ଆଚାର୍ଯ୍ୟ

ଭାରତର ଅନ୍ୟତମ ସଫଳ ଅଭିନେତା ଜୟଦୀପ ଅହଲାୱତ ଏକ ସାକ୍ଷାତ୍କାରରେ କହିଥିଲେ- ''ଜଣେ ଅଭିନେତା ନିଜର ଚରିତ୍ରକୁ ନିଷ୍ଠାର ସହ ନିଭେଇବା ଉଚିତ। ଦର୍ଶକଙ୍କୁ, 'ମୁଁ କେତେ ଭଲ ଅଭିନୟ କରୁଛି' ବୋଲି ଦେଖେଇବାକୁ ଚେଷ୍ଟା ନ କରି, କାହାଣୀ ଓ ଚରିତ୍ର ପ୍ରତି ସଚ୍ଚୋଟତା ବ୍ୟକ୍ତ କରିବା ହିଁ ଅଭିନୟର ମୂଳ କଥା।'' କଥାଟିର ଗୁରୁତ୍ୱ ଉପଲବ୍ ?ଧି କଲି, ଯେତେବେଳେ ପ୍ରେକ୍ଷାଳୟରେ ସଗର୍ବେ ଚାଲୁଥିବା ଓଡ଼ିଆ ଚଳଚ୍ଚିତ୍ର 'ଯଦି' ଦେଖିବାର ସୁଯୋଗ ପାଇଲି। 'ଯଦି'କୁ କେବଳ ଏକ ଓଡ଼ିଆ ଚଳଚ୍ଚିତ୍ର ଭାବେ ଦେଖିବା ଯଥେଷ୍ଟ ହେବ ନାହିଁ। ଏହାକୁ ଦେଖାଯାଇପାରେ ଓଡ଼ିଆ ସିନେମାର ବଦଳୁଥିବା ଚେହେରାର ଏକ ଛୋଟ ଅଧ୍ୟାୟ ଭାବରେ। ଏଠି କେହି ନାୟକ ନୁହେଁ, ଯାହାର ଏକାକୀ ଅଭିନୟର ପରାକାଷ୍ଠା ଉପରେ ଚଳଚ୍ଚିତ୍ରର ଶ୍ରେୟ ନିର୍ଭର କରିବ। ଏଠାରେ ସମସ୍ତେ ଜଣେ ଜଣେ ଚରିତ୍ର ଅଭିନେତା, ଯେଉଁମାନଙ୍କର ସାମୂହିକ କଳା ପ୍ରଦର୍ଶନର ନିପୁଣତାରେ ଚଳଚ୍ଚିତ୍ରର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୋଇଛି। ଯୁବ ଅଭିନେତା ଶୈଳେନ୍ଦ୍ର 'ଘମାଘୋଟ', 'ବରବଧୂ', 'ଯଦି' ପରି ସିନେମା ମାଧ୍ୟମରେ ନିଜର ଅଭିନୟର ପାରଦର୍ଶିତା ଦେଖେଇ ଚାଲିଛନ୍ତି। ମଣିଷ ପାଖରେ ଥିବା ଦକ୍ଷତାକୁ ଲୋକଲୋଚନକୁ ଆଣିବା ପାଇଁ ସବୁବେଳେ ଗୋଟିଏ ମଂଚର ଆବଶ୍ୟକତା ଥାଏ। ସେ 'ମଂଚ' ଆଜିର ଦୁନିଆରେ ୟୁଟ୍ୟୁବ, ଫେସବୁକ କିମ୍ବା ଇନଷ୍ଟାଗ୍ରାମ। ଏହିସବୁ ସାମାଜିକ ଗଣମାଧ୍ୟମରେ ନିଜର ଅଭିନୟର ଦକ୍ଷତା ଦେଖାଇ ଲୋକଙ୍କର ପ୍ରଶଂସା ସାଉଁଟିଥିବା ଅନେକ କଳାକାର ଏହି ଚଳଚ୍ଚିତ୍ରରେ ନଜର ଆସିଛନ୍ତି। କଳାକାରମାନଙ୍କର ବ୍ୟକ୍ତିଗତ ଶ୍ରେଷ୍ଠତ୍ୱ ସାମୂହିକ ସଫଳତାର ରୂପ ନେଇଛି। ଓଡ଼ିଆ ସିନେମାର ଭିନ୍ନ ଭିନ୍ନ ପିଢ଼ିକୁ ମନେ ପକେଇଲେ, ପ୍ରଶାନ୍ତ ନନ୍ଦ, ଶ୍ରୀରାମ ପଣ୍ଡା, ଉତ୍ତମ ମହାନ୍ତି, ସିଦ୍ଧାନ୍ତ ମହାପାତ୍ର, ବାବୁସାନ ମହାନ୍ତିଙ୍କ ଭଳି ଅଭିନେତାମାନେ ନିଜ ନିଜ ସମୟର ଦର୍ଶକଙ୍କ ପାଇଁ 'ନାୟକ'ର ଭିନ୍ନ ଭିନ୍ନ ଅର୍ଥ ତିଆରି କରିଛନ୍ତି। କିନ୍ତୁ, ଆଜିର ଶୈ ?ଳେନ୍ଦ୍ରଙ୍କ ପିଢ଼ିର ଅଭିନେତାମାନଙ୍କ ପାଇଁ ସମସ୍ୟା ଅଲଗା। ଆଜିର ଓଡ଼ିଆ ଦର୍ଶକମାନେ କେବଳ ଓଡ଼ିଆ ସିନେମା ଦେଖୁନାହାନ୍ତି। ଇଂରେଜୀ, ହିନ୍ଦୀ, କୋରିଆନ, ଚାଇନିଜ, ତାମିଲ, ମାଲାୟାଲମ, ତେଲୁଗୁ ସିନେମା ସହିତ ଓ.ଟି.ଟି.ର ବିଶାଳ ଜଗତ ସେମାନଙ୍କ ହାତରେ। ସେମାନେ ପରଖିବେ। ଉତ୍କୃଷ୍ଟତା ଆଡ଼କୁ ମୁହାଁଇବେ। ଏଠାରେ ଗୋଟେ କଥା ଲକ୍ଷ୍ୟ କରାଯାଇପାରେ। ଗତ କିଛି ଦିନ ତଳେ ସର୍ବଭାରତୀୟ ସ୍ତରରେ 'ମିର୍ଜାପୁର' ପରି ସିନେମା ମୁକ୍ତିଲାଭ କରି ପ୍ରଚଣ୍ଡ ଦର୍ଶକୀୟ ସ୍ୱୀକୃତି ଲାଭ କରିଛି। ଉତ୍ତରପ୍ରଦେଶର ବାହୁବଳୀ ମାନବର ରୁବାବ୍‌ର ଚିତ୍ର ସେଠି ପ୍ରଦର୍ଶିତ ହୋଇଛି। ଯେଉଁ ଦର୍ଶକ 'ମିର୍ଜାପୁର' ସିନେମାର ଅପରାଧ, ହିଂସା, ଗାଳି, ରକ୍ତପାତ ଓ ନଗ୍ନତା ଦେଖି ତାଳି ମାରୁଛି, ସେହି ଦର୍ଶକ ପୁଣି 'ପଚାଂୟତ', 'ବୋଉ ବୁଟୁ ଭୂତ', 'ବରବଧୂ', 'ଯଦି' ପରି ସାଧାରଣ ଗ୍ରାମ ଜୀବନ ଉପରେ ଆଧାରିତ କାହାଣୀକୈନ୍ଦ୍ରିକ ସିନେମା ଦେଖି ଭାବପ୍ରବଣ ହେଉଛି, ଯେଉଁଠି ସାମାନ୍ୟତମ ନଗ୍ନତା, ହିଂସା, ଗାଳି କିମ୍ବା ଯେନତା ନାହିଁ। ତଥାପି, ଏସବୁ ସିନେମା ଦର୍ଶକଙ୍କର ପ୍ରଚୁର ଭଲପାଇବା ଓ ସମର୍ଥନ ସାଉଁଟିଛନ୍ତି। ଉଭୟ ଜିନିଷ କିପରି ସମାନ ମଣିଷକୁ ଆକର୍ଷିତ କରିପାରନ୍ତି ? ଏହା କ'ଣ ମଣିଷର ବହୁମୁଖୀ ସ୍ୱଭାବ ଦାର୍ଶନିକ ଫ୍ରେଡରିକ ନିଚା 'ଦି ବାର୍ଥ ଅଫ ଟ୍ରାଜେଡି' ପୁସ୍ତକରେ 'ଡାୟୋନିସିଆନ' ଓ 'ଆପୋଲୋନିୟାନ' ପରି ଦୁଇଟି ଧାରଣା ସମ୍ବନ୍ଧରେ ଆଲୋଚନା କରିଛନ୍ତି। 'ଡାୟୋନିସିଆନ' ହେଉଛି ମଣିଷର ଅନିୟନ୍ତ୍ରିତ, ଆବେଗିକ ଓ ଆଦିମ ପ୍ରକୃତି। ସେଥିରେ ରହିଛି ଉତ୍ସାହ, ଉତ୍ତେଜନା, ଭୟ, ହିଂସା, ଅରାଜକତା ଓ ସାମାଜିକ ନିୟମକୁ ଅତିକ୍ରମ କରିବାର ଏକ ଆକାଂକ୍ଷା। ମଣିଷର ଦୈନନ୍ଦିନ ଜୀବନ ଯେତେ ନିୟମ, ଦାୟିତ୍ୱ, ସଂଯମ ଓ ଶୃଙ୍ଖଳାରେ ବନ୍ଧା ହେଉ ପଛେ, ତା'ର ଭିତରେ ଏକ ଅନିୟନ୍ତ୍ରିତ ଅଂଶ ରହିଥାଏ। ସେହି ଅଂଶ କେବେକେବେ ପରଦାରେ ନିଜର ପ୍ରତିଛବି ଖୋଜେ। ଏହି କାରଣରୁ ବୋଧହୁଏ ଅପରାଧ, ହିଂସା, ନିଷିଦ୍ଧ ସଂପର୍କ କିମ୍ବା ସାମାଜିକ ଶୃଙ୍ଖଳା ଭାଙ୍ଗୁଥିବା ଚରିତ୍ର ଆମକୁ ଉଷ୍ଣତା ପ୍ରଦାନ କରେ। ଏହାକୁ ମନେ କରାଯାଇପାରେ ମଣିଷ ମନର ଏକ ଜଟିଳ ଆବେଗିକ ଦିଗ। କିନ୍ତୁ ମଣିଷ କେବଳ ଡାୟୋନିସିଆନ ନୁହେଁ। ତା' ଭିତରେ ଲୁଚି ରହିଛି ଆଉ ଏକ ଆକାଂକ୍ଷା- ଆପୋଲିନିୟାନ। ଏହା ଶୃଙ୍ଖଳା, ସୌନ୍ଦର୍ଯ୍ୟ, ଯୁକ୍ତି, ସଂଯମ ଓ ଆତ୍ମନିୟନ୍ତ୍ରଣକୁ ଜୀବନର ଏକ ପ୍ରମୁଖ ଅଙ୍ଗ ଭାବେ ଦେଖିବାକୁ ଚେଷ୍ଟା କରେ। 'ଯଦି' ଭଳି ଚରିତ୍ରକୈନ୍ଦ୍ରିକ କାହାଣୀ ସେ ଦିଗକୁ ସ୍ପର୍ଶ କରିପାରେ। ମଣିଷ ଗୋଟିଏ ରଙ୍ଗର ନୁହେଁ। ମଣିଷ ଭିତରେ ଇଚ୍ଛା ଅଛି; ସଂଯମ ମଧ୍ୟ ଅଛି। ଅନ୍ଧକାର ଅଛି, ଆଲୋକର ଆକାଂକ୍ଷା ମଧ୍ୟ ଅଛି। ବିଦ୍ରୋହ ଅଛି, ନିୟମର ଆବଶ୍ୟକତା ମଧ୍ୟ ଅଛି। ସେଥିପାଇଁ ଭଲ ସିନେମା ଆମକୁ କେବଳ ମନୋରଞ୍ଜନ ଦିଏ ନାହିଁ। ଆମ ଭିତରର ଅନେକ ମଣିଷ ସହ ଆମକୁ ସାକ୍ଷାତ୍ କରାଏ। ଜଣେ ଅଭିନେତା ଯେତେବେଳେ ନିଜର ଷ୍ଟାରଡମ୍‌କୁ ଭୁଲି, ଚରିତ୍ର ହୋଇଯାଏ, ଯେତେବେଳେ କାହାଣୀ ଅଭିନେତାଙ୍କ ଉପରେ ଭାରୀ ପଡ଼ିଯାଏ ଏବଂ ଅଭିନେତା ସେହି କାହାଣୀକୁ ନିଷ୍ଠା ଓ ସଚ୍ଚୋଟତାର ସହ ବହନ କରେ, ସେତେବେଳେ ଚଳଚ୍ଚିତ୍ରର ପ୍ରକୃତ ଶକ୍ତି ଜନ୍ମ ନିଏ। 'ରିମେକ୍ ରିମେକ୍' କହି ଓଡ଼ିଆ ସିନେମାରୁ ମନ ଛଡ଼େଇ ଦେଇଥିବା ଦର୍ଶକେ ପୁଣି ଓଡ଼ିଆ ସିନେମା ପ୍ରତି ଆକର୍ଷିତ ହେଉଛନ୍ତି। ଏ ଆକର୍ଷଣର ହେତୁ, ବଳିଷ୍ଠ କାହାଣୀ, କଳାକାରମାନଙ୍କର ଜୀବନ୍ତ ଅଭିନୟ, ସାଉଣ୍ଡ, ଲାଇଟ, ସିନେମାଟୋଗ୍ରାଫି, ସର୍ବୋପରି ନିର୍ଦ୍ଦେଶକମାନଙ୍କର ବଳିଷ୍ଠ ନିର୍ଦ୍ଦେଶନା। 'ଦମନ', 'ବୋଉ ବୁଟୁ ଭୂତ', 'ବରବଧୂ', 'ଯଦି' ପରି ସିନେମା ଏହାର ବଳିଷ୍ଠ ଉଦାହରଣ। ଏହାକୁ ଦେଖି ମନରେ ଏକ ଦୃପ୍ତ ଆଶା ସଂଚାର ହେଉଛି- ଓଡ଼ିଆ ସିନେମାର ସୁବର୍ଣ୍ଣଯୁଗ ଆସୁଛି କି !



# ପାଲିଙ୍କି ବାହକମାନେ !

ପିତାଙ୍କ ପରେ, ସ୍ୱାଭାବିକ ଭାବେ ଓ ଅନାୟାସରେ, ସନ୍ତାନର ଅଧିକାର ସାବ୍ୟସ୍ତ ହୋଇଯାଉଥିବା ଭଳି ଆମ ରାଜ୍ୟ (ଦେଶ)ର ବିଚିତ୍ର ଗଣତାନ୍ତ୍ରିକ ରାଜନୀତିରେ, ଅବିଶ୍ରାନ୍ତ ପରିଶ୍ରମ କରି, ପିରାମିଡର ପାଦ ଦେଶରୁ ଶିଖର ଆରୋହଣ କରିବାରେ ନିମଗ୍ନ ତରୁଣମାନେ ଯେତେବେଳେ ହଠାତ୍ ଦେଖିଥିବେ ଯେ କୌଣସି ଜଣେ ସୌଭାଗ୍ୟବନ୍ତ ଆକାଶଛତା ସାହାଯ୍ୟରେ ଉପରୁ ଅବତରଣ କରି ଚୂଡ଼ାରେ ଉପସ୍ଥିତ ହୋଇ ସାରିଲାଣି, ସେମାନେ ହତାଶାରେ ସେମାନଙ୍କ ଉଦ୍ୟମରୁ ଓହରି ଯାଉଥିବେ ! ଅନେକ ଛାତ୍ରନେତା ବା ନେତ୍ରୀ ହୁଏତ ରାଜନୀତିରୁ ସନ୍ନ୍ୟାସ ନେଇ ଯାଇଥିବେ। ଆଉ ଯେଉଁ କିଛି ରହିଯାଇଥିବେ, ସେମାନେ ଅବଲୀଳା କ୍ରମେ ପାଲିଙ୍କି ବାହକରେ ପରିଣତ ହୋଇଥିବେ। ଦୀର୍ଘ ଆଠ ବର୍ଷର ଅନ୍ତରାଳ ପରେ ଆମ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶିତ ହୋଇଯାଇଛି। ଏହାକୁ ନେଇ ସ୍ଥାନୀୟ ମୁଖ୍ୟ-ସ୍ରୋତୀୟ ଓ ସାମାଜିକ ଗଣମାଧ୍ୟମରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲାଏବଂ ଟେଲିଭିଜନ ନ୍ୟୁଜ ଚ୍ୟାନେଲଗୁଡ଼ିର ଅବତାରଣାରୁ ଭ୍ରମ ସୃଷ୍ଟି ହୋଇଥିଲା, ସତେ ଯେମିତି ବିଧାୟକ ବା ସାଂସଦ ଆସନ ସକାଶେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଏଥିରେ ବିସ୍ମିତ ହେବାର ହେତୁ ମଧ୍ୟ ନ ଥାଏ, କାରଣ ସମସ୍ତ ପ୍ରମୁଖ ରାଜନୈତିକ ଦଳର ଛାତ୍ର ଶାଖାର ପ୍ରତିନିଧିମାନେ ଏହି ନିର୍ବାଚନରେ ଲଢ଼ି ଥାଆନ୍ତି ଏବଂ ଭବିଷ୍ୟତ ସକାଶେ କତିପୟ ନେତା ବା ନେତ୍ରୀଙ୍କ ଉଦୟ ଘଟିଲା ବୋଲି ଧରି ନିଆଯାଇଥାଏ। ସେହି ଦୃଷ୍ଟିରୁ ଗତ ଆଠ ବର୍ଷ ଧରି ନିସ୍ତରଙ୍ଗ ଓ ସ୍ପନ୍ଦନଶୂନ୍ୟ ରହିଥିବା କ୍ୟାମ୍ପସରେ ନିର୍ବାଚନ ପ୍ରଚାର, ନାମାଙ୍କନ ପତ୍ର ଦାଖଲ ଆଦି ଜନିତ କୋଳାହଳ ଏବଂ ପରିଣାମ ଘୋଷିତ ହେବା ପରେ ବିଜୟୀମାନଙ୍କ ଉତ୍ସବାୟନ ଯେଉଁ ମାଦକତା ସୃଷ୍ଟି କରିଥିଲା ତାହା ଅତ୍ୟନ୍ତ ସ୍ୱାଭାବିକ; କିନ୍ତୁ କ୍ରମେ ସେ ଉଚ୍ଚାଟ ଲୀନ ହୋଇଯିବା ପରେ ଏକ ସ୍ୱଚ୍ଛ ଦୃଷ୍ଟିରେ ଛାତ୍ର ସଂସଦର ନିର୍ବାଚନକୁ ଅବଲୋକନ କରିବାର ସମୟ ଯେ ଉପନୀତ, ତହିଁରେ ଦ୍ୱିରୁକ୍ତି ନାହିଁ। ପ୍ରଥମ କଥା ହେଲା, ୧୮ ବର୍ଷ ବୟସରୁ ଭୋଟ ଦେବାର ଅଧିକାର ଲାଭ କରି ସାରିଥିବା ତରୁଣ ବର୍ଗ ସଂପୃକ୍ତ ଥିବା କ୍ୟାମ୍ପସ ନିର୍ବାଚନରେ ଦଳୀୟ ରାଜନୀତିର ପ୍ରତ୍ୟକ୍ଷ ହସ୍ତକ୍ଷେପ ଯେ ହେବ ନାହିଁ, ଏହା ଭାବି ନେବା ହେଉଛି ଏକ ଧୃଷ୍ଟତା; ପୁଣି ଯେତେବେଳେ ସବୁ ରାଜନୈତିକ ଦଳର ଛାତ୍ର ଶାଖାଗୁଡ଼ିକ ସେମାନଙ୍କ ପ୍ରତିନିଧିମାନଙ୍କୁ ରଣାଙ୍ଗନରେ ଅବତୀର୍ଣ୍ଣ କରାଇଛନ୍ତି। ପ୍ରକାଶ ଥାଉ କି, ୧୯୮୮ ମସିହା ପୂର୍ବରୁ, ଯେତେବେଳେ ଭୋଟ ଦାନର ସର୍ବନିମ୍ନ ବୟସ ସୀମା ୨୧ ବର୍ଷ ଥିଲା, ସେତେବେଳେ ମଧ୍ୟ ଛାତ୍ର ସଂସଦ ନିର୍ବାଚନରେ, ଅପେକ୍ଷାକୃତ କମ୍ ହେଲେ ସୁଦ୍ଧା, ଦଳୀୟ ରାଜନୀତିର ପ୍ରଭାବ ରହୁଥିଲା। ତେଣୁ କ୍ୟାମ୍ପସ ନିର୍ବାଚନ ଓ ଗତିବିଧିରେ ରାଜନୈତିକ ଦଳଗୁଡ଼ିକର ପ୍ରଭାବ, ଏପରିକି ହସ୍ତକ୍ଷେପର ଉଦ୍ୟମ, ଅନାକାଂକ୍ଷିତ ହୋଇଥିଲେ ମଧ୍ୟ ପ୍ରାୟ ଅନିବାର୍ଯ୍ୟ ! କିନ୍ତୁ, ଏହି ଛାତ୍ର ସଂସଦ ନିର୍ବାଚନରେ ଅନେକ ଛାତ୍ରଛାତ୍ରୀ ସେମାନଙ୍କ ଉଦ୍ୟମ, ଉଦ୍ଦେଶ୍ୟ ଓ ସର୍ବୋପରି କ୍ୟାମ୍ପସକୁ ବଡ଼ମାନଙ୍କ ଦ୍ୱାରା ସୃଷ୍ଟ କର୍ଦ୍ଦମ ଦ୍ୱାରା ଏଭଳି କଳୁଷିତ କରି ପକାଇଛନ୍ତି, ଯାହା ଉଦ୍ ?ବେଗର କାରଣ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ ଏହି ଛାତ୍ର ସଂସଦ ନିର୍ବାଚନରେ ୨୦୧୧ ମସିହାର ଲିଙ୍ଗଡୋ କମିସନଙ୍କ ସୁପାରିସକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିଲା। ଏକ ପରିଚ୍ଛନ୍ନ ପରିବେଶରେ ନିରାଡ଼ମ୍ବର ଓ ରୁଚିପୂର୍ଣ୍ଣ ଭାବେ କ୍ୟାମ୍ପସ ନିର୍ବାଚନ କରାଇବା ଲାଗି ଲିଙ୍ଗଡୋ କମିସନଙ୍କ ଦ୍ୱାରା ପ୍ରସ୍ତୁତ ମାର୍ଗ ନିର୍ଦ୍ଦେଶିକାରେ ନିର୍ବାଚନ ପ୍ରଚାରକାଳୀନ ବ୍ୟୟର ସର୍ବୋଚ୍ଚ ସୀମାକୁ ପ୍ରାର୍ଥୀ ପିଛା ମାତ୍ର ୫ ହଜାର ଟଙ୍କାରେ ନିର୍ଦ୍ଧାରିତ କରାଯାଇଥିଲେ ହେଁ ପ୍ରାପ୍ତ ସମ୍ବାଦରୁ ଜଣାପଡ଼େ ଯେ କ୍ୟାମ୍ପସରେ ବିରିଆନି, ବୁଫେ ଓ ବିଅରର ଜୁଆର ସୃଷ୍ଟି ହୋଇଥିଲା, ଯହିଁରେ ଅନେକ ପ୍ରାର୍ଥୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଛନ୍ତି ଓ କେତେକଙ୍କ ସ୍ଥଳେ ତାହା ୫ ଲକ୍ଷ ଟଙ୍କାକୁ ମଧ୍ୟ ଅତିକ୍ରମ କରି ଯାଇଛି; ଅର୍ଥାତ୍ ଧନ ଦ୍ୱାରା ଭୋଟରଙ୍କୁ ପ୍ରଭାବିତ କରିବାର ପ୍ରୟାସ ! ଏଥିରେ ନିହିତ ଦାରୁଣ ବିଡ଼ମ୍ବନାଟି ହେଲା ଏଭଳି ଏକ ବୟସରେ ସେମାନେ ଅସାଧୁତା ଓ ଅଙ୍ଗୀକାରଶୂନ୍ୟତାର ଦୃଷ୍ଟାନ୍ତ ରଖିଛନ୍ତି, ଯେଉଁ ବୟସ, ତାରୁଣ୍ୟର ସହଜାତ ବିଦ୍ରୋହ, ମୂଲ୍ୟବୋଧ ଓ ନୈତିକତା ପ୍ରତି ଅନୁରକ୍ତି ଇତ୍ୟାଦି ଦ୍ୱାରା ପରିଭାଷିତ ହୋଇଥାଏ। କ୍ୟାମ୍ପସର ହାନିଲାଭ ବୁଝିବା ଭଳି ଏକ ଅତ୍ୟନ୍ତ ସୀମିତ ବ୍ୟାପାରରେ ନେତୃତ୍ୱ ନେବା ଲାଗି ହୋଇଥିବା ଏହି ନିର୍ବାଚନକୁ ଯଦି ପ୍ରାର୍ଥୀମାନଙ୍କ ରାଜନୈତିକ ଜୀବନର ଖଡ଼ିଛୁଆଁ ବୋଲି ଧରାଯାଏ, ତେବେ ଅନୁମାନ କରିବାକୁ କଷ୍ଟ ହୋଇ ନ ଥାଏ ଯେ କଲେଜ ଓ ୟୁନିଭର୍ସିଟିର ଏହି ଉଚ୍ଚଶିକ୍ଷିତ ତରୁଣତରୁଣୀମାନେ ଭବିଷ୍ୟତ୍‌ରେ ହୁଏତ ରାଜନୈତିକ କଳୁଷର ପ୍ରବାହକୁ ନିରନ୍ତରତା ପ୍ରଦାନ କରିବେ। ଏବେ ଏହି ସଂଦର୍ଭରେ ଉଠୁଥିବା ଏକ ପ୍ରଶ୍ନ ହେଲା, କ୍ୟାମ୍ପସ ରାଜନୀତିର ପାଠଶାଳାରେ ଉତୀର୍ଣ୍ଣ ହୋଇଥିବା ସଫଳ ସ୍ୱପ୍ନଭୁକ୍‌ମାନେ, ଭବିଷ୍ୟତରେ, ସେମାନଙ୍କ ରାଜନୈତିକ ମହାତ୍ୱାକାଂକ୍ଷା ପୂରଣ କରିବାରେ ସମର୍ଥ ହେବେ ତ ? ସାଂପ୍ରତିକ ରାଜନୀତିରେ ସକ୍ରିୟ ଥିବା ରାଜନେତା, ଯେମିତି କି ପ୍ରସାଦ ହରିଚନ୍ଦନ କି ପୃଥ୍ୱୀରାଜ ହରିଚନ୍ଦନ ବା ସୁରେଶ ପୂଜାରୀ କିଂବା ଧର୍ମେନ୍ଦ୍ର ପ୍ରଧାନ ଅଥବା ଅରୁଣ ସାହୁ ଇତ୍ୟାଦି ନବମ ଦଶକ ପୂର୍ବର ଛାତ୍ର ନେତା। ଏମାନଙ୍କୁ ସେହି ପରଂପରାର ଅନ୍ତିମ ଦାୟାଦ ବୋଲି କୁହାଯାଇପାରେ, ଯହିଁରେ ଛାତ୍ରନେତାମାନେ ଅନ୍ତତଃ ପକ୍ଷେ ବିଧାୟକ ବା ସାଂସଦ ଏବଂ ସ୍ଥଳ ବିଶେଷରେ ମନ୍ତ୍ରୀ ହୋଇପାରିଛନ୍ତି। ଏହି ଧାରାରେ ଦିଶନ୍ତି ନୀଳମଣି ରାଉତରାୟ, ବୀରେନ ମିତ୍ର, ରବି ରାୟ, ଶ୍ୟାମସୁନ୍ଦର ମହାପାତ୍ର, ନନ୍ଦିନୀ ଶତପଥୀ, ଅରୁଣ ଦେ, ଶ୍ରୀବଲ୍ଲଭ ପାଣିଗ୍ରାହୀ, ତ୍ରିଲୋଚନ କାନୁନଗୋ, ହରିଶ୍ଚନ୍ଦ୍ର ବକ୍ସିପାତ୍ର, ନିରଞ୍ଜନ ପଟ୍ଟନାୟକ, କାହ୍ନୁଚରଣ ଲେଙ୍କା, ଯୁଗଳ କିଶୋର ପଟ୍ଟନାୟକ, ପ୍ରଭାତ ତ୍ରିପାଠୀ, ରାଜା ସ୍ୱାଇଁ, ଅଶୋକ ଦାସ, ପଚାଂନନ କାନୁନଗୋ, ସମରେନ୍ଦ୍ର କୁଣ୍ଡୁ, ଶ୍ରୀକାନ୍ତ ଜେନା, ମନମୋହନ ସାମଲ, ଉମେଶ ସ୍ୱାଇଁ, ଉତ୍କଳ ପରିଡ଼ା, ବ୍ରଜ ତ୍ରିପାଠୀ, ପ୍ରଫୁଲ୍ଲ ଘଡ଼େଇ, ପ୍ରଫୁଲ୍ଲ ସାମଲ, ମହାଶ୍ୱେର ମହାନ୍ତି, ରବି ପାଣି, ଗୌତମ ରାୟ, ସମୀର ଦାସ, ରୁଦ୍ର ନାରାୟଣ ପାଣି, ପ୍ରତାପ ଜେନା, ଅର୍ଚ୍ଚନା ନାୟକ, ମୋହନ ଜେନା, ରାଧାରାଣୀ ପଣ୍ଡା, ସିପ୍ରା ମହାନ୍ତି ଇତ୍ୟାଦି ଅନେକ ! କହିବାର ତାତ୍ପର୍ଯ୍ୟ ହେଲା, ଷଷ୍ଠ ଦଶକର ମଧ୍ୟ ଭାଗରୁ ନବମ ଦଶକର ଶେଷ ପର୍ଯ୍ୟନ୍ତ ସମୟର ଅଳିନ୍ଦ ଥିଲା ବିଧାୟକ ଓ ସାଂସଦ ହୋଇ ପାରିଥିବା ଛାତ୍ରନେତାଙ୍କ ଭିଡ଼ରେ ଭରପୂର ! କିନ୍ତୁ, ୨୦୦୦ ମସିହା ପରଠାରୁ ଏ ପର୍ଯ୍ୟନ୍ତ ସେଭଳି ଦୃଷ୍ଟାନ୍ତ, ଗୋଟିଏ ବା ଦୁଇଟିକୁ ଛାଡ଼ି ନେଲେ, ପ୍ରାୟତଃ ନାହିଁ। ଏହି ଛବିଶ ବର୍ଷର କାଳ ଖଣ୍ଡରେ ବିଧାୟକ ଓ ସାଂସଦ ଇତ୍ୟାଦି ହୋଇଥିବା ଅନେକ ତରୁଣ-ତରୁଣୀ ଛାତ୍ରନେତା ବା ନେତ୍ରୀ ଭାବେ ସେମାନଙ୍କ ରାଜନୈତିକ କ୍ୟାରିଅର ଆରମ୍ଭ କରି ନାହାନ୍ତି, ବରଂ, ସୁକୃତ୍ୱରୁ, ପିତା ବା ମାତାମାନଙ୍କ ଦ୍ୱାରା ଅଧିକୃତ ରାଜନୈତିକ ଉପନିବେଶଗୁଡ଼ିକୁ ଉତ୍ତରାଧିକାର ସୂତ୍ରରେ ପାଇଛନ୍ତି ଯାହା ! ଗୋଟିଏ ଦୃଷ୍ଟିରୁ ଧର୍ମେନ୍ଦ୍ର ପ୍ରଧାନ ଓ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଉପରୋକ୍ତ ସୁଯୋଗର ହିତାଧିକାରୀ, କିନ୍ତୁ, ଛାତ୍ର ନେତା ଭାବେ ସେମାନଙ୍କ କାର୍ଯ୍ୟ ଓ ଦକ୍ଷତା ସେମାନଙ୍କୁ ଅନ୍ୟମାନଙ୍କ ଠାରୁ ଭିନ୍ନ କରିଥାଏ। ତେବେ, ପ୍ରଶ୍ନ ଉଠେ ଯେ ୨୦୦୦ ମସିହା ପରଠାରୁ ଉଦୟ ହୋଇଥିବା ଛାତ୍ର ନେତା ବା ନେତ୍ରୀମାନେ ଗଲେ କୁଆଡ଼େ ? ପିତାଙ୍କ ପରେ, ସ୍ୱାଭାବିକ ଭାବେ ଓ ଅନାୟାସରେ, ସନ୍ତାନର ଅଧିକାର ସାବ୍ୟସ୍ତ ହୋଇଯାଉଥିବା ଭଳି ଆମ ରାଜ୍ୟ (ଦେଶ)ର ବିଚିତ୍ର ଗଣତାନ୍ତ୍ରିକ ରାଜନୀତିରେ, ଅବିଶ୍ରାନ୍ତ ପରିଶ୍ରମ କରି, ପିରାମିଡର ପାଦ ଦେଶରୁ ଶିଖର ଆରୋହଣ କରିବାରେ ନିମଗ୍ନ ତରୁଣମାନେ ଯେତେବେଳେ ହଠାତ୍ ଦେଖିଥିବେ ଯେ କୌଣସି ଜଣେ ସୌଭାଗ୍ୟବନ୍ତ ଆକାଶଛତା ସାହାଯ୍ୟରେ ଉପରୁ ଅବତରଣ କରି ଚୂଡ଼ାରେ ଉପସ୍ଥିତ ହୋଇ ସାରିଲାଣି, ସେମାନେ ହତାଶାରେ ସେମାନଙ୍କ ଉଦ୍ୟମରୁ ଓହରି ଯାଉଥିବେ ! ଅନେକ ଛାତ୍ରନେତା ବା ନେତ୍ରୀ ହୁଏତ ରାଜନୀତିରୁ ସନ୍ନ୍ୟାସ ନେଇ ଯାଇଥିବେ। ଆଉ ଯେଉଁ କିଛି ରହିଯାଇଥିବେ, ସେମାନେ ଅବଲୀଳା କ୍ରମେ ପାଲିଙ୍କି ବାହକରେ ପରିଣତ ହୋଇଥିବେ। ଏକ ଦାରୁଣ ବାସ୍ତବତା ହେଲା, ରାଜପୁତ୍ର ଓ ରାଜକନ୍ୟାମାନଙ୍କ ସକାଶେ ପାଲିଙ୍କି ଏକ ସ୍ଥାୟୀ ବନ୍ଦୋବସ୍ତ ହୋଇ ରହେ, ଅଥଚ, ପାଲିଙ୍କି ବାହକମାନେ ବଳ ଥିବା ପର୍ଯ୍ୟନ୍ତ ସେମାନଙ୍କୁ ବହନ କରି ଚାଲନ୍ତି; ବଳ ଖସିଗଲା ପରେ ସେମାନଙ୍କ ସ୍ଥାନରେ ଆଉ ଥୋକେ ଆସନ୍ତି !

# ରୁଟିର ବାସନା

କ୍ଷୁଧାତୁରମାନଙ୍କ ଲାଗି ରୁଟି ଭଳି ସାଧାରଣ ଖାଦ୍ୟ ମଧ୍ୟ ବିଳାସ ହୋଇଥାଏ; ଯେଉଁ ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀ ଠାଏ କହିଥିଲେ ଯେ କ୍ଷୁଧାର୍ତ୍ତଙ୍କ ସକାଶେ ଈଶ୍ୱର କେବଳ ରୁଟି ରୂପରେ ହିଁ ଆବିର୍ଭୂତ ହୁଅନ୍ତି। କ୍ଷୁଧାର ଦାରୁଣ ତାଡ଼ନା ବିଷୟ ବୁଝାଇବାକୁ ଯାଇ ଦିବଂଗତ ଅଭିନେତା ନାନା ପାଟେକର, ନିଜ ଅନୁଭୂତିରୁ କହିଥିଲେ ଯେ ଭୋକିଲା ସକାଶେ କୌଣସି ଦୁର୍ମୂଲ୍ୟ ଅତରର ସୁବାସ ନୁହେଁ, ତାଜା ସେକା ରୁଟିର ବାସନା ହିଁ ସର୍ବାଧିକ ଆକର୍ଷଣୀୟ ହୋଇଥାଏ। ପ୍ରତି ବର୍ଷ ଭଳି ଆଜି, ପୃଥିବୀର ସର୍ବତ୍ର, ଜାତିସଂଘ ଦ୍ୱାରା, ୧୯୭୯ ମସିହାରେ ଆହୂତ, 'ବିଶ୍ୱ ଖାଦ୍ୟ ଦିବସ' ପାଳିତ ହେଉଛି। ପୃଥିବୀରୁ କ୍ଷୁଧା ଦୂର କରିବା ସକାଶେ ୧୯୪୫ ମସିହା ଅକ୍ଟୋବର ୧୬ ତାରିଖରେ ଗଠିତ 'ଫୁଡ ଏଣ୍ଡ ଆଗ୍ରିକଲଚର ଅର୍ଗାନାଇଜେସନ' ବା 'ଏଫ.ଏ.ଓ.' (ଖାଦ୍ୟ ଓ କୃଷି ସଂଗଠନ)ର ବର୍ଷ ପୂର୍ତ୍ତି ପାଳନ ସହିତ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ସଂଦର୍ଭରେ ସ୍ଥିତି, ସଂକଟ ଓ ସମ୍ଭାବନାର ଆକଳନ କରିବା ଏବଂ ଏକ ବିଶାଳ ସଂଖ୍ୟକ କ୍ଷୁଧାତୁର ପୃଥିବୀବାସୀଙ୍କ ଆଡ଼କୁ ଧ୍ୟାନ ଆକର୍ଷଣ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନ ପୃଥିବୀରେ ଉତ୍ପାଦିତ ହେଉଥିବା ଖାଦ୍ୟ ଦ୍ୱାରା ପ୍ରତ୍ୟେକ ପୃଥିବୀବାସୀଙ୍କ ସକାଶେ ଆବଶ୍ୟକ ପରିମାଣର ପୌଷ୍ଟିକ ଆହାର ଉପଲବ୍ଧ କରାଯିବା ସମ୍ଭବ, କିନ୍ତୁ ବିଡ଼ମ୍ବନା ହେଲା ଏବେ ୬୪.୮ କୋଟି ପୃଥିବୀବାସୀ ବୁଭୁକ୍ଷା-କାତର ! ଏଭଳି ସ୍ଥିତିରେ ଏ ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ଖାଦ୍ୟ ଥିବା ସତ୍ତ୍ୱେ ଜଣେ କ୍ଷୁଧାତୁର ହୋଇ ରହିବାର ବାଧ୍ୟବାଧକତା ସଂଦର୍ଭରେ ବିଶ୍ଳେଷଣ କରି ନୋବେଲ ପୁରସ୍କାରପ୍ରାପ୍ତ ପ୍ରସିଦ୍ଧ ଭାରତୀୟ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ ଯେଉଁ ନିର୍ଦ୍ଦିଷ୍ଟ କାରଣ ଦର୍ଶାଇଥିଲେ, ତାହା ହେଉଛି 'ଏନଟାଇଟଲମେଂଟ' ବା 'ମାଲିକାନା' ବା 'ଅଧିକାର'ର ଅଭାବ। କହିବା ବାହୁଲ୍ୟ ଯେ ଦାରିଦ୍ର୍ୟ, ଯୁଦ୍ଧ ବା ସଂଘର୍ଷ, ଜଳବାୟୁ ସଂକଟ ଇତ୍ୟାଦି ଭଳି କାରଣରୁ ଜଣେ ମନୁଷ୍ୟ ଏହି ଅଧିକାରରୁ ଛିନ୍ନ ହୋଇପାରେ। 'ୱର୍ଲଡ ଫୁଡ ପ୍ରୋଗ୍ରାମ'ର ଏକ ତଥ୍ୟ ଅନୁସାରେ ଉକ୍ତ ଦାରିଦ୍ର୍ୟ ହେତୁ ପୃଥିବୀର ୨.୬ ବିଲିଅନ (୧ ବିଲିଅନ ହେଉଛି ଶହେ କୋଟି) ସଂଖ୍ୟକ ଲୋକ ଆବଶ୍ୟକ ଖାଦ୍ୟ କ୍ରୟ କରିବାକୁ ଅସମର୍ଥ ଏବଂ ତଜ୍ଜନିତ ଅନାହାର, ଅର୍ଦ୍ଧାହାର ଓ କୁପୋଷଣର ଶିକାର ହେଉଛନ୍ତି। ଏଭଳି ସ୍ଥଳେ ଏକ ନିଷ୍ଠୁର ବାସ୍ତବତା ହେଲା ବିଭିନ୍ନ କାରଣରୁ ଉତ୍ପାଦିତ ଖାଦ୍ୟର ପ୍ରାୟ ୨୦% ବା ଏକ-ପଚଂମାଂଶ ନଷ୍ଟ ହୋଇଥାଏ, ଯାହା ଏକ ସ୍ଥଳ ହିସାବରେ ହେବ ପ୍ରତ୍ୟହ ପ୍ରାୟ ୧ ବିଲିଅନ 'ମିଲ୍' ବା ଥାଳି। ଚବଲସହ୍ୱସ୍ତବଭ ଝମଷକ୍ଟକ୍ଷ: ପାକିସ୍ତାନରେ ଘରୋଇ ସ୍କୁଲ ଛାତ ଭୁଶୁଡ଼ି ୩୪ ମୃତ: ସ୍କୁଲ ମାଲିକ ଗିରଫସଂଘର୍ଷ ଓ ଉକ୍ତ ଜଳବାୟୁ ବିପର୍ଯ୍ୟୟ ହେତୁ ଖାଦ୍ୟ ଉତ୍ପାଦନ ଓ ଯୋଗାଣ ଗଭୀର ଭାବେ ପ୍ରଭାବିତ ହୋଇ ଖାଦ୍ୟ ସଂକଟ ଓ କ୍ଷୁଧାର କାରଣ ହୋଇଥାଏ। ଏହା ସୁବିଦିତ ଯେ 'ଏଲ ନିନୋ'ର ପ୍ରଭାବ ଚଳିତ ବର୍ଷ ଅତ୍ୟନ୍ତ ତୀବ୍ର ହୋଇଥିବାରୁ, ୨୦୨୭-୨୮ ମସିହା ପର୍ଯ୍ୟନ୍ତ, ଉକ୍ତ ଦୁର୍ଭିକ୍ଷ ଓ ପ୍ରଳୟଙ୍କରୀ ବନ୍ୟାର ପୂର୍ବାନୁମାନ କରାଯାଉଛି, ଯହିଁରେ ତୀବ୍ର ଖାଦ୍ୟାଭାବ ସୃଷ୍ଟି ହେବା ଅନିବାର୍ଯ୍ୟ। ନିକଟରେ ଭାରତର ବିଦେଶ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ପକ୍ଷରୁ ପ୍ରଦନ୍ନ ଚିନ୍ତାସଂକୁଳ ସତର୍କ ବାଣୀରେ ନିକଟ ଭବିଷ୍ୟତରେ ସୃଷ୍ଟି ହେବାକୁ ଯାଉଥିବା ଖାଦ୍ୟ ସଂକଟ ପ୍ରତି ଇଙ୍ଗିତ ରହିଛି, ଯାହାର କାରଣ ହେଉଛି ରୁଷିଆ-ୟୁକ୍ରେନ ଓ ଇରାନ-ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ସେହି କାରଣରୁ ଯୋଗାଣ ଶୃଙ୍ଖଳରେ ପରିଦୃଷ୍ଟ ହୋଇଥିବା ତୀବ୍ର ବିଭ୍ରାଟ। କେବଳ ସେତିକି ନୁହେଁ, ଦୀର୍ଘକାଳୀନ ଯୁଦ୍ଧ ଓ ସଂଘର୍ଷ ହେତୁ ଘୋର ଦାରିଦ୍ର୍ୟ ମଧ୍ୟକୁ ନିକ୍ଷେପିତ ହୋଇଯାଇଥିବା 'ସବ-ସାହାରାନ' ବା 'ଉପ ସାହାରୀୟ' ଆଫ୍ରିକା ହେଉଛି, ସଂପ୍ରତି, ପୃଥିବୀର ସର୍ବାଧିକ କ୍ଷୁଧା-କ୍ଲିଷ୍ଟ ଅଚଂଳ। ଏବେ ପୃଥିବୀର ୩୫ଟି ଅଚଂଳରେ ୬୫ଟି ଛୋଟ ବଡ଼ ସଂଘର୍ଷ ଚାଲିଥିବା ହେତୁ ଏକ ବିସ୍ତୃତ ଅଚଂଳରେ, ଖାଦ୍ୟାଭାବ ଓ ଖାଦ୍ୟ ଦ୍ରବ୍ୟର ଦରଦାମ ବୃଦ୍ଧି ଦେଖା ଦେଇଥିବା ସ୍ୱାଭାବିକ, ଯେଉଁ ସ୍ଥିତିରେ ଅସଂଖ୍ୟ ସାଧାରଣ ନାଗରିକ, କ୍ରୟ ଶକ୍ତି ଅଭାବରୁ, ଅମର୍ତ୍ତ୍ୟ ସେନ କହିଥିବା ଭଳି ଖାଦ୍ୟ ଉପରେ ଅଧିକାର ସାବ୍ୟସ୍ତ କରି ନ ପାରି ଜଠର ଜ୍ୱାଳା ସହ୍ୟ କରିବାକୁ ବାଧ୍ୟ ହେଉଥିବେ। ଗଲା ସେପ୍‌ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିବା ଜାତିସଂଘର ସାଧାରଣ ପରିଷଦର ବୈଠକରେ ନେପାଳର ତରୁଣ ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ଦ୍ୱାରା ପ୍ରଦତ୍ତ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାଷଣରେ ଅଭିଯୋଗଟିଏ ଶୁଣିବାକୁ ମିଳିଥିଲା ଯେ 'ପୃଥିବୀର ପ୍ରତ୍ୟେକ କୋଣକୁ ଯୁଦ୍ଧ ସରଞ୍ଜାମ ପଠାଇବାର ବିପୁଳ ଆୟୋଜନ ସକାଶେ ସାମର୍ଥ୍ୟ ମିଳି ସାରିଥିଲେ ହେଁ ସବୁରି ମୁହଁକୁ ଆହାର ପହଚାଂଇବାରେ ସଫଳତା ମିଳି ପାରିନାହିଁ ! ପୃଥିବୀର ଅନେକ ଦେଶରେ ଖାଦ୍ୟାନ୍ନ ଭଣ୍ଡାର ପରିପୃକ୍ତ ହୋଇ ପଡ଼ିଥିବା ବେଳେ ଏବଂ ଖାଦ୍ୟର ଏକ ବୃହଦାଂଶ ନଷ୍ଟ ହେଉଥିବା ପୃଷ୍ଠଭୂମିରେ ତୀବ୍ର କ୍ଷୁଧାର ଉପସ୍ଥିତି ଭଳି ଦୁର୍ଭାଗ୍ୟପୂର୍ଣ୍ଣ ବିରୋଧାଭାସ ହେଉଛି ବାଲେନ ଶାହଙ୍କ କଟାକ୍ଷର ହେତୁ, ଯାହାର ମୂଳରେ ରହିଛି ସଂବେଦନଶୂନ୍ୟତା ! ଏହା ସତ ଯେ 'ଏଫ.ଏ.ଓ.' ଭଳି ଅନୁଷ୍ଠାନ ପକ୍ଷରୁ ନିରବଚ୍ଛିନ୍ନ ଭାବେ ଧାରଣକ୍ଷମ ଖାଦ୍ୟ ଉତ୍ପାଦନ, କୃଷିର ଉନ୍ନତୀକରଣ ଏବଂ ଖାଦ୍ୟ ସଂକଟ କାଳରେ ଆପତ୍କାଳୀନ ସାହାଯ୍ୟ ପ୍ରଦାନ ଆଦିରେ ଅବିଶ୍ରାନ୍ତ ପ୍ରୟାସ ଜାରି ରହିଛି; ମାତ୍ର ଅପର ପକ୍ଷରେ କ୍ଷୁଧା ବିମୋଚନ ସଂଦର୍ଭରେ ସ୍ୱଚ୍ଛଳ ଦେଶଗୁଡ଼ିକର ଉଦାସୀନ ଅସଂପୃକ୍ତି ହେତୁ ଆଶାନୁରୂପକ ସଫଳତା ମିଳୁନାହିଁ। ଏଭଳି ସ୍ଥଳେ ସ୍ମରଣକୁ ଆସିଥାଏ ୧୯୬୫ ମସିହାରେ, ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ଭାରତ ସହିଥିବା ଲାଞ୍ଛନାର କଥା, ଯେତେବେଳେ ତୀବ୍ର ଖାଦ୍ୟ ସଂକଟର ସମ୍ମୁଖୀନ ହୋଇଥିବା ଭାରତ ଖାଦ୍ୟାନ୍ନ ଲାଗି ଆମେରିକା ଆଗରେ ହାତ ପତେଇଥିଲା। ସେହି ସମୟରେ, ତତ୍କାଳୀନ ଆମେରିକୀୟ ରାଷ୍ଟ୍ରପତି ଲିଣ୍ଡନ ବି. ଜନସନଙ୍କ ବ୍ୟବହାରରେ ଘୋର ଅପମାନିତ ଓ ବ୍ୟଥିତ ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଶପଥ ନେଇଥିଲେ ଯେ ଏଭଳି ଉଦ୍ୟମ କରିବେ, ଯେମିତି ଖାଦ୍ୟାନ୍ନ ଲାଗି ଭାରତକୁ ଆଉ କେବେ ହେଲେ ଭିକ୍ଷା କରିବାକୁ ନ ପଡ଼େ ! ତା' ପରେ ଇତିହାସର ମୋଡ଼ ବଦଳାଇ ଆମ ଦେଶରେ ଯୁଗାନ୍ତକାରୀ ସବୁଜ ବିପ୍ଳବର ସୂତ୍ରପାତ ଘଟିଥିଲା। ଏହି ଦୃଷ୍ଟାନ୍ତ ଏଠାରେ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା ସେହି ସଂବେଦନଶୂନ୍ୟତାକୁ ଦେଖାଇବା ଯହିଁରେ ଖାଦ୍ୟାଭାବ ଜର୍ଜର ଦେଶଗୁଡ଼ିକୁ ଭିକ୍ଷୁକ, ଦୟାର ପାତ୍ର ଓ ଅପାଙ୍‌କ୍ତେୟ ବୋଲି ବିଚାର କରାଯାଏ; ଯେଉଁ କାରଣରୁ ବୁଭୁକ୍ଷା ଓ 'ହାତ ଟେକା ଦାନ'ର ଚକ୍ର ନିରନ୍ତର ଘୂରି ଚାଲେ; ଯଦିଓ କଦବା କେମିତି ଭାରତ ଭଳି ଭିନ୍ନ ଉଦାହରଣ ସୃଷ୍ଟି ହୋଇ ଯାଆନ୍ତି ! ଅଷ୍ଟାଦଶ ଶତାବ୍ଦୀରେ ଫରାସୀ ରାଣୀ ମେରି ଆନ୍ତୋନିଏତଙ୍କ ମୁଖ ନିସୃତ ଯେଉଁ ଉକ୍ତି (ତାଚ୍ଛଲ୍ୟ ଭରା !) ଜନ ଅସନ୍ତୋଷର ବାରୁଦ ଗଦାରେ ଅଗ୍ନି ସଂଯୋଗ କରି ଫରାସୀ ବିପ୍ଳବ ଘଟାଇଥିଲା, ତାହା ଥିଲା 'ରୁଟି ନ ମିଳିଲେ କେକ୍ ଖାଅ'। କ୍ଷୁଧାତୁରମାନଙ୍କ ଲାଗି ରୁଟି ଭଳି ସାଧାରଣ ଖାଦ୍ୟ ମଧ୍ୟ ବିଳାସ ହୋଇଥାଏ; ଯେଉଁ ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀ ଠାଏ କହିଥିଲେ ଯେ କ୍ଷୁଧାର୍ତ୍ତଙ୍କ ସକାଶେ ଈଶ୍ୱର କେବଳ ରୁଟି ରୂପରେ ହିଁ ଆବିର୍ଭୂତ ହୁଅନ୍ତି। କ୍ଷୁଧାର ଦାରୁଣ ତାଡ଼ନା ବିଷୟ ବୁଝାଇବାକୁ ଯାଇ ଦିବଂଗତ ଅଭିନେତା ନାନା ପାଟେକର, ନିଜ ଅନୁଭୂତିରୁ କହିଥିଲେ ଯେ ଭୋକିଲା ସକାଶେ କୌଣସି ଦୁର୍ମୂଲ୍ୟ ଅତରର ସୁବାସ ନୁହେଁ, ତାଜା ସେକା ରୁଟିର ବାସନା ହିଁ ସର୍ବାଧିକ ଆକର୍ଷଣୀୟ ହୋଇଥାଏ। ସଂପ୍ରତି ମିଳୁଥିବା ସମ୍ବାଦରୁ ଜଣାପଡ଼ିଥାଏ ଯେ ଦୀର୍ଘ ଛଅ ବର୍ଷ ଧରି ଗୃହଯୁଦ୍ଧରେ ବ୍ୟାପୃତ, ଜାତିସଂଘର ରିପୋର୍ଟ ଅନୁସାରେ ପୃଥିବୀର ସର୍ବାଧିକ କ୍ଷୁଧାର୍ତ୍ତ ରାଷ୍ଟ୍ର ସୁଦାନରେ ମାତ୍ର କେଇ ପଟ ରୁଟିର ଲୋଭ ଦେଖାଇ ଏଗାର ବା ବାର ବର୍ଷ ବୟସର ବାଳକମାନଙ୍କୁ ବନ୍ଧୁକ ହସ୍ତେ ଯୁଦ୍ଧକୁ ଠେଲି ଦିଆଯାଉଛି। ରୁଟିର ବାସନାକୁ ହେଜି ପ୍ରାଣକୁ ବାଜି ଲଗାଇ ଦେଉଥିବା ଏଭଳି ହତଭାଗ୍ୟମାନେ ବିଶ୍ୱ ଖାଦ୍ୟ ଦିବସ ଅବସରରେ ବିବେକ ଦଂଶନର କାରଣ ହୁଅନ୍ତି।

# ବିଷ ଔଷଧ

ଟିକିଏ ଗଭୀରତାକୁ ଅବଲୋକନ କଲେ ଦିଶିଥାଏ ଯେ ଭାରତ ଭଳି ଏକ ଅତ୍ୟନ୍ତ ଜନାକୀର୍ଣ୍ଣ ରାଷ୍ଟ୍ରରେ ସାଧାରଣ ମନୁଷ୍ୟର ଜୀବନ ମୂଲ୍ୟହୀନ ଭଳି ପ୍ରତୀତ ହେଉଥିବାରୁ ଉଦାସୀନତା ବା ସଂବେଦନଶୂନ୍ୟତା ସର୍ବଗ୍ରାସୀ ହୋଇଛି; ଦୁର୍ନୀତି ଦ୍ୱାରା ପୀଡ଼ିତ ଜନସାଧାରଣଙ୍କ କଷଣ ଦୁର୍ନୀତିର କର୍ତ୍ତା ଓ ପୃଷ୍ଠପୋଷକମାନଙ୍କୁ କୌଣସି ରୂପେ ସ୍ପର୍ଶ ସୁଦ୍ଧା କରିପାରୁନାହିଁ; ତେଣିକି ସେ ଅପମିଶ୍ରିତ ଔଷଧ ହୋଇଥାଉ ବା ଦୂଷିତ ଖାଦ୍ୟଦ୍ରବ୍ୟ ବା ବିପର୍ଯ୍ୟସ୍ତ ପରିବହନ ବ୍ୟବସ୍ଥା ବା ଅଗମ୍ୟ ସଡ଼କ କିମ୍ବା ଭାଙ୍ଗି ପଡୁଥିବା ପୋଲ !ମଧ୍ୟ ପ୍ରଦେଶ ଓ ରାଜସ୍ଥାନରେ ଚଉଦ ଜଣ ଶିଶୁଙ୍କ ମୃତ୍ୟୁ ସକାଶେ ଅପମିଶ୍ରିତ କଫ୍ ସିରପ୍ ଦାୟୀ ବୋଲି ସନ୍ଦେହରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶିକା ପ୍ରଦାନ କରାଯାଇଛି ଯେ ଏଣିକି ଦୁଇ ବର୍ଷ ବୟସରୁ କମ୍ ବୟସ୍କମାନଙ୍କ ଲାଗି ଡାକ୍ତରୀ ଚିଠାରେ କଫ୍ ସିରପ୍ ସେବନର ପରାମର୍ଶ ଦିଆଯିବ ନାହିଁ। ସ୍ୱାଭାବିକ ଭାବେ ଏହି ପରିପ୍ରେକ୍ଷୀରେ ସ୍ମରଣକୁ ଆସିଥାଏ ଦୁଇ ବର୍ଷ ତଳେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିୟାରେ ଘଟିଥିବା ଅନୁରୂପ ଘଟଣା, ଯହିଁରେ ଦୁଇଟି ଭାରତୀୟ ଔଷଧ ନିର୍ମାତା କଂପାନି ଦ୍ୱାରା ପ୍ରସ୍ତୁତ କଫ୍ ସିରପ୍ ସେବନ କରି ୭୨ ଜଣ ଶିଶୁ ମୃତ୍ୟୁ ବରଣ କରିଥିଲେ, ଯାହା ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ଆଲୋଡ଼ନ ମଧ୍ୟ ସୃଷ୍ଟି କରିଥିଲା ଏବଂ 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ବା 'ଡବ୍ଲ୍ୟୁ.ଏଚ.ଓ.' ପକ୍ଷରୁ ଏଭଳି କଫ୍ ସିରପ୍‌ର ବ୍ୟବହାର ବାବଦରେ ସତର୍କ କରାଇ ଦିଆଯାଇଥିଲା। ଯଦିଓ ସଂପୃକ୍ତ ଔଷଧ ପ୍ରସ୍ତୁତକାରୀ କଂପାନି 'ମେଡେନ ଫାର୍ମା' ଏବଂ 'ମାରିଅନ ବାୟୋଟେକ୍' ବିରୋଧରେ ସରକାର ତତ୍କାଳ କାର୍ଯ୍ୟାନୁଷ୍ଠାନ କରିଥିଲେ, ତଥାପି ଏଭଳି ଧାରା ଅବ୍ୟାହତ ରହିଥିବାର ଆଶଙ୍କା ଘୋର ଉଦ୍‌ବେଗ ସୃଷ୍ଟି କରିଥାଏ। ଏଭଳି ସ୍ଥଳେ ଏହି ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ପ୍ରଥମେ ସଂକ୍ଷେପରେ କଫ୍ ସିରପ୍ ?ରେ ହେଉଥିବା ଅପମିଶ୍ରଣ ଉପରେ କ୍ଷିପ୍ର ଦୃଷ୍ଟିପାତ କରାଯାଉ। କଫ୍ ସିରପ୍‌ର ମୂଳ ଔଷଧୀୟ ଉପାଦାନର ନାମ ହେଉଛି ଡେକ୍ସଟ୍ରୋମିଥୋରଫାନ, ଯେଉଁ ରାସାୟନିକ ଦ୍ରବ୍ୟର କାର୍ଯ୍ୟ ହେଉଛି ମସ୍ତିଷ୍କର କାଶ ସୃଷ୍ଟିକାରୀ ଅଂଶକୁ ସାମୟିକ ଭାବେ ନିଷ୍କ୍ରିୟ କରିଦେଇ ରୋଗୀକୁ ଶ୍ୱାସରୁଦ୍ଧକାରୀ ପ୍ରଲମ୍ବିତ କାଶର ପ୍ରାଦୁର୍ଭାବରୁ ମୁକ୍ତ କରିବା। ତେବେ ଶିଶୁମାନଙ୍କ ଲାଗି ଉଦ୍ଦିଷ୍ଟ କଫ ସିରପରେ 'ଡେକ୍ସଟ୍ରୋମିଥୋରଫାନ'କୁ ଦ୍ରବୀଭୂତ କରିବାକୁ ପଡ଼ିଥାଏ, ଯେଉଁଥି ଲାଗି ସର୍ବ-ସ୍ୱୀକୃତ ଦ୍ରାବ୍ୟ ହେଉଛି 'ପ୍ରୋପାଲାଇନ ଗ୍ଲାଇକଲ', ଯାହା ଉଚ୍ଚ ମୂଲ୍ୟଯୁକ୍ତ ହୋଇଥାଏ। ତେଣୁ କଫ୍ ସିରପ୍ ପ୍ରସ୍ତୁତିରେ ଖର୍ଚ୍ଚ କାଟ କରିବା ଲାଗି କେତେକ ଔଷଧ ନିର୍ମାତା ଦ୍ରାବ୍ୟ ଭାବେ ଡି.ଇ.ଜି (ଡାଇ ଇଥାଇଲ ଗ୍ଲାଇକଲ) ବା ଇ.ଜି.(ଇଥାଇଲ ଗ୍ଲାଇକଲ)ର ଉପଯୋଗ କରନ୍ତି; ଯାହା ପ୍ରକୃତରେ ପ୍ଲାଷ୍ଟିକ ବା ରଙ୍ଗ ପ୍ରସ୍ତୁତି ଲାଗି ଉଦ୍ଦିଷ୍ଟ ଓ ଖାଦ୍ୟ ଭାବେ ବିଷାକ୍ତ। ଚିକିତ୍ସକମାନଙ୍କ ମତରେ ଏହାର ସେବନ ଦ୍ୱାରା କମ୍ ଓଜନ ବିଶିଷ୍ଟ ଶିଶୁମାନଙ୍କ ବୃକ୍କ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କ୍ଷତିଗ୍ରସ୍ତ ହେବା ସହିତ ମୃତ୍ୟୁର କାରଣ ହୋଇପାରେ। ପ୍ରକାଶ ଥାଉ କି ଗାମ୍ବିୟାରେ ମୃତ୍ୟୁବରଣ କରିଥିବା ଶିଶୁମାନେ ବ୍ୟବହାର କରୁଥିବା କଫ୍ ସିରପରେ ଇ.ଜି. ଓ ଡି.ଇ.ଜି.ର ଉପସ୍ଥିତି ଜଣାପଡ଼ିଥିଲା। କିଛି ବିଶେଷଜ୍ଞଙ୍କ ମତରେ କଫ୍ ସିରପ୍‌ର ସ୍ୱାଦରେ ମିଠାପଣ ଆଣିବା ଲାଗି ବ୍ୟବହାର କରାଯାଉଥିବା ଅନ୍ୟତମ ଉପାଦାନ ଗ୍ଲିସେରିନରେ ଇ.ଜି. ବା ଡି.ଇ.ଜି. ଥିବା ମଧ୍ୟ ସମ୍ଭବ, କାରଣ ଡି.ଇ.ଜି. ବା ଇ.ଜି.ର ସ୍ୱାଦ ମିଠା ଏବଂ ତାହା ହୁଏତ ଔଷଧ ନିର୍ମାତା କଂପାନିଗୁଡ଼ିକର ଅବହେଳା କାରଣରୁ ଅଲକ୍ଷ୍ୟରେ କଫ ସିରପ୍‌ରେ ଅଂଶୀଭୂତ ହୋଇ ଯାଇଥିବ ! କହିବାର ତାତ୍ପର୍ଯ୍ୟ ହେଲା ସେମାନେ ହୁଏତ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଅପମିଶ୍ରଣ କରି ନ ଥିବେ ! ତେବେ, କାରଣ ଯାହା ହୋଇଥାଉ ନା କାହିଁକି ଜୀବନ ରକ୍ଷାକାରୀ ଦ୍ରବ୍ୟ ହୋଇଥିବା ହେତୁ କୌଣସି ଔଷଧରେ ଅପମିଶ୍ରଣ ଅକ୍ଷମଣୀୟ ଭାବେ ଗର୍ହିତ; ପୁଣି ଯେତେବେଳେ ଭାରତକୁ ପୃଥିବୀର ଔଷଧ ପ୍ରସ୍ତୁତିର ରାଜଧାନୀ ଭାବେ ଅଭିହିତ କରାଯାଇଥାଏ। ଭାରତରେ କଫ ସିରପ୍‌ର ବଜାର ଅତ୍ୟନ୍ତ ବିଶାଳ, ଯାହା ସଂପ୍ରତି ୨୬୨ ନିୟୁତ ଡଲାର ଏବଂ ୨୦୩୫ ମସିହା ବେଳକୁ ୭୪୦ ନିୟୁତ ଡଲାରରେ ପହଚିଂବାର ଆକଳନ କରାଯାଉଛି। କିନ୍ତୁ ବିଡ଼ମ୍ବନା ହେଲା, ଅନେକ ସମୟରେ ଆମ ଦେଶର ବିଭିନ୍ନ ପ୍ରାନ୍ତରେ ଔଷଧ ଅପମିଶ୍ରଣ ଜବତ ଖବରମାନ ଗଣମାଧ୍ୟମରେ ପ୍ରକାଶିତ ହୋଇଥାଏ। ମଧ୍ୟ ପ୍ରଦେଶ ଓ ରାଜସ୍ଥାନରେ ଶିଶୁ ମୃତ୍ୟୁର କାରଣ ଭାବେ ସନ୍ଦିଗ୍ଧ କଫ୍ ସିରପ୍‌ରେ ଡି.ଇ.ଜି. ବା ଇ.ଜି.ର ଅଂଶ ତାମିଲନାଡୁର ପରୀକ୍ଷାଗାର(ଯେଉଁଠି ଔଷଧ କଂପାନିର କାରଖାନା ଅବସ୍ଥିତ)ରେ ମିଳିଥିଲେ ହେଁ କେନ୍ଦ୍ର ପରୀକ୍ଷାଗାରରେ ସେଭଳି କିଛି ମିଳି ନ ଥିବାରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି; ଅନ୍ୟାନ୍ୟ ଅପମିଶ୍ରଣ କିମ୍ବା ଶିଶୁମାନେ ପୂର୍ବରୁ ଭୋଗି ଆସୁଥିବା ରୋଗ ଆଦି ସଂପର୍କରେ ମଧ୍ୟ ଅନୁଧ୍ୟାନ କରାଯାଉଛି। ସୁତରାଂ, ଏ ନେଇ କୌଣସି ନିଷ୍କର୍ଷରେ ପହଚିଂବାକୁ ହେଲେ ହୁଏତ ଆଉ କିଛି ଦିନ ସମୟ ଲାଗିପାରେ। ତେବେ, ଔଷଧ ଅପମିଶ୍ରଣ ପରିପ୍ରେକ୍ଷୀରେ କେତେକ ବିଶେଷଜ୍ଞ କହନ୍ତି ଯେ ଔଷଧର ଗୁଣବତ୍ତା ଉପରେ ଦୃଷ୍ଟି ରଖିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସୁନିର୍ଦ୍ଦିଷ୍ଟ ଓ ସ୍ୱତନ୍ତ୍ର ବିଭାଗ ଥିଲେ ହେଁ ମାନବ ସମ୍ବଳ ଅଭାବ କାରଣରୁ ଔଷଧ ନିର୍ମାତା କଂପାନିଗୁଡ଼ିକର କାର୍ଯ୍ୟକଳାପ ଏବଂ ତହିଁରୁ ଉତ୍ପାଦିତ ଦ୍ରବ୍ୟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସମ୍ଭବପର ହୋଇପାରୁନାହିଁ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA , Pin :769003







# ଜିଲ୍ଲାସ୍ତରୀୟ ସିଙ୍ଗଲ ଓ୍ୱିଣ୍ଡୋ ଅନୁମୋଦନ କମିଟି ବୈଠକ



ଝାରସୁଗୁଡ଼ା,୨୪/୧୦(ନି/ପ୍ର):ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପାୟନ ତଥା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ସିଙ୍ଗଲ ଓ୍ୱିଣ୍ଡୋ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ସମ୍ଭାବନା ଏବଂ ଶିଳ୍ପ ପ୍ରତିଷ୍ଠା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହି ବୈଠକରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନ, ଇଡକୋ ଅଧିକାରୀବୃନ୍ଦ,ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ, ବାଣିଜ୍ୟିକ କର ଓ ଜିଏସଟି ପ୍ରତିନିଧି, କିର୍ମିରା ତହସିଲଦାର, ଝାରସୁଗୁଡ଼ା ଅତିରିକ୍ତ ତହସିଲଦାର, ଟାଟା ପାଓ୍ୱାର ପ୍ରତିନିଧି, ଲିଡ୍ ବ୍ୟାଙ୍କ ମ୍ୟାନେଜର ଏବଂ ଡିଆଇପିଏ ର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଜିଲ୍ଲାରେ ଆଡଭାନ୍ସଡ ଇଞ୍ଜିନିୟରିଂ ଫ୍ୟାବ୍ରିକେସନ, ବାୟୋ ମାସ୍ ପେଲେଟ୍ସ ଉତ୍ପାଦନ, ରେଳବାଇ ସ୍ଲିପର ନିର୍ମାଣ, ଫୁଡ୍ ପ୍ରୋସେସିଂ ଏବଂ ଫ୍ଲାଏ ଆଶ୍ ଇଟା ଉତ୍ପାଦନ

## ୪୩.୭୫ କୋଟି ଟଙ୍କାର ୨ଟି ପ୍ରକଳ୍ପକୁ ମଞ୍ଜୁରୀ

ଭଳି ବିଭିନ୍ନ କ୍ଷେତ୍ରର ମୋଟ ୧୨ଟି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ସମସ୍ତ ପ୍ରକଳ୍ପଗୁଡ଼ିକର ସମୁଦାୟ ବ୍ୟୟଅଟକଳ ୨୨୧.୨୦ କୋଟି ଟଙ୍କା ଥିବା ବେଳେ ଏହାଦ୍ୱାରା ପ୍ରାୟ ୯୧୧ ଜଣ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏଥିମଧ୍ୟରୁ କମିଟି ଦ୍ୱାରା ପ୍ରାଥମିକ ଭାବେ ୪୩.୭୫ କୋଟି ଟଙ୍କା ନିବେଶ ବିଶିଷ୍ଟ ୨ଟି ପ୍ରମୁଖ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି, ଯାହା ମାଧ୍ୟମରେ ସ୍ଥାନୀୟ ଅଂଚଳରେ ୨୦୧ ଜଣଙ୍କୁ ନିଯୁକ୍ତି ମିଳିବ । ଅନୁମୋଦିତ ପ୍ରକଳ୍ପ ମଧ୍ୟରେ କୃଷି ପ୍ରକ୍ରିୟାକରଣ କ୍ଷେତ୍ରରେ ପ୍ରାୟ ୩୦.୦୦ କୋଟି ଟଙ୍କାର ଏକ ପ୍ରକଳ୍ପ ସାମିଲ ରହିଛି, ଯାହାଦ୍ୱାରା ୧୨୫ ଜଣଙ୍କୁ କର୍ମସଂସ୍ଥାନ ମିଳିବ । ସେହିପରି ଉତ୍ପାଦନ (ଆସବାବପତ୍ର ଓ ପ୍ରି-ଇଞ୍ଜିନିୟର୍ଡ ପ୍ରଡକ୍ଟସ) କ୍ଷେତ୍ରରେ ୧୩.୭୫ କୋଟି ଟଙ୍କାର ଅନ୍ୟ ଏକ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ଯାହା ମାଧ୍ୟମରେ ୭୬ ଜଣଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହେବ । ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# କଲେଜ ସମ୍ମୁଖରେ ଦୁର୍ଘଟଣା ଆଶଙ୍କା :
## ସ୍ପିଡ୍ ବ୍ରେକର ନିର୍ମାଣ ଦାବି ଜୋରଦାର

ଝାରସୁଗୁଡ଼ା,୨୪/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ଲଇକେରାସ୍ଥିତ ପଂଚାୟତ ସମିତି ମହାବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ସ୍ପିଡ୍ ବ୍ରେକର ନଥିବାରୁ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଉଛି । ଏହାକୁ ନେଇ କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ତୁରନ୍ତ ସ୍ପିଡ୍ ବ୍ରେକର ନିର୍ମାଣ ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି । ସୂଚନା ଅନୁଯାୟୀ, ପ୍ରତିଦିନ ଏହି ମହାବିଦ୍ୟାଳୟକୁ ଶହ ଶହ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ଯାତାୟାତ କରୁଛନ୍ତି । ଅନ୍ୟପକ୍ଷରେ କଲେଜ ସମ୍ମୁଖ ମୁଖ୍ୟ ରାସ୍ତାରେ ବାଇକ୍, କାର୍ ସମେତ ଭାରୀଯାନଗୁଡ଼ିକ ଦ୍ରୁତ ଗତିରେ ଚଳାଚଳ କରୁଥିବାରୁ ରାସ୍ତା ପାର ହେବା ସମୟରେ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି ହେଉଛି । ଏହି ସ୍ଥାନରେ ସ୍ପିଡ୍ ବ୍ରେକର ଓ ସଚେତନତା ସୂଚକ ଫଳକ ନଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି । ହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ଛାତ୍ର ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ସମ୍ବିତ ନାଏକ ଓ ଲଇକେରା ବ୍ଲକ ସଂଯୋଜକ ବାପି ନାଏକ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି । ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଡିଓ ଓ ପୂର୍ତ୍ତ ବିଭାଗ ଏହି ଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ମୌଖିକ ନିବେଦନ କରାଯାଇଛି । ଏଥିସହ ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଛାତ୍ରନେତା ଓ ସ୍ଥାନୀୟ ଅଂଚଳବାସୀ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜେ. କେ. ମେହେରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନଥିଲା

## ଜିଲ୍ଲାସ୍ତରୀୟ 'ଉତ୍ସାହ ଓ ମହକ-୨୦୨୬' ଅନୁଷ୍ଠିତ

ଅନୁଗୋଳ,୨୪/୧୦(ନି/ପ୍ର): ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଏବଂ ସେମାନଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ 'ଉତ୍ସାହ ଓ ମହକ-୨୦୨୬' କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ବ୍ଲକ ଡାଇମଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।

## ପ୍ରଥମ ସାଉନ୍ତେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର,୨୪/୧୦(ନି/ପ୍ର) : ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଅଇଁଲାସାରି ଠାରେ ପ୍ରଥମ ସାଉନ୍ତେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ମହୋତ୍ସବକୁ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସହଯୋଗ ରେ ଆୟୋଜିତ ସମାବେଶ ରେ ଲାଲମୋହନ ବେହେରାଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ଲିକା ସାହୁ, ଯୁବ ନେତା ନିହାର ରଂଜନ ବେହେରା, ବିଜେଡି ନେତା ଲକ୍ଷ୍ମଣ ମେହେର, ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତିନ ପଟେଲ ଏବଂ ସରପଂଚ ସଂଘ ସଭାପତି, ସରପଂଚ ମଦନା ବେହେରା, ସମିତି ସଭ୍ୟ ସସ୍ମିତା ସାହୁ, କବିରାଜ ଭୋଇ, ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର ପ୍ରମୁଖ ମଂଚାସିନ ଥିଲେ ।

# ଝାରସୁଗୁଡ଼ାରେ ଧୁମ୍ ଧାମରେ ପାଳିତ ହେଲା ଦଶହରା
## ଜଳିଲା ବିଶାଳ ରାବଣ ପୁତଳିକା





ଝାରସୁଗୁଡ଼ା,୨୪/୧୦(ନି/ପ୍ର): ସତ୍ୟର ଅସତ୍ୟ ଉପରେ ବିଜୟର ପ୍ରତୀକ ବିଜୟାଦଶମୀ ଅବସରରେ ଝାରସୁଗୁଡ଼ା ସହରରେ ଦଶହରା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ଝାରସୁଗୁଡ଼ା ଦଶହରା ଉତ୍ସବ କମିଟି ଓ ଶିବଶକ୍ତି ଦୁର୍ଗାପୂଜା କମିଟିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମନମୋହନ ପଡ଼ିଆ ଠାରେ ବୁଧବାର ରାତିରେ ଆକର୍ଷଣୀୟ ରାବଣ ପୋଡ଼ି ଉତ୍ସବ ଆୟୋଜିତ ହୋଇଥିଲା । ଏହି ଉତ୍ସବକୁ ନେଇ ସହରବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା । ଏହି ଭବ୍ୟ କାର୍ଯ୍ୟକ୍ରମରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଯୁବନେତା ଦୁର୍ଗେଶ ମହାନ୍ତି, ଝାରସୁଗୁଡ଼ା ପୌର ପରିଷଦର ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥୀ, ସିଆରାମ ଦାସ ଓ ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ବିଶାଳକାୟ ରାବଣ ପୁତ୍ତଳିକା ଦହନ । ଏହା ପୂର୍ବରୁ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ମନୋରଞ୍ଜନଧର୍ମୀ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା । ପରେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ ମଧ୍ୟରେ ବିଶାଳ ରାବଣ ପୁତ୍ତଳିକାକୁ ଦହନ କରାଯାଇଥିଲା । ଏହି ଦୃଶ୍ୟ ଉପଭୋଗ କରିବା ପାଇଁ ପଡ଼ିଆରେ ବହୁ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ଉତ୍ସବକୁ ସଫଳ ଓ ସୁବ୍ୟବସ୍ଥିତ କରିବାରେ ଉଭୟ ଆୟୋଜକ କମିଟିର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ସକ୍ରିୟ ସହଯୋଗ କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଉତ୍ସବମୁଖର ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା ।

# ସୁସଜ୍ଜିତ ତୋରଣ ସାଙ୍ଗକୁ ଆଲୋକ ମାଳାରେ ଝଲସୁଛି ଶାରଦୀୟ ଦୁର୍ଗାପୂଜା



ଘୁ.ଉଦୟଗିରି,୨୪/୧୦(ନି/ପ୍ର): କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରି ସହରରେ ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ମହା ଆଡ଼ମ୍ବରରେ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି ।ପୂଜା ପରିଚାଳନା କମିଟି ସଭାପତି ଅରୁଣ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ଶୁକ୍ରବାର ଦିନ ଠାରୁ ମା'ଙ୍କ ଆବାହନ, ବିଲ୍ୱ ବରଣ ସହ ଷଷ୍ଠୀ ପୂଜା ହୋଇଛି । ଶନିବାର ଦିନ ମାଁ ଦୁର୍ଗାଦେବୀଙ୍କ ସପ୍ତମୀ ପୂଜା, ରବିବାର ଦିନ ମହାଷ୍ଟମୀ ପୂଜା ଦିନ ମା'ଙ୍କ ନିକଟରେ ଆମିଷ ଭୋଗ ଲାଗି ହେବା ବ୍ୟବସ୍ଥା ରହିଛି । ସେହିପରି ସୋମବାର ଦିନ ମହାନବମୀ ପୂଜା, ଚଣ୍ଡୀପାଠ ହୋମ ପୂର୍ଣ୍ଣାହୁତି ହେବ । ମଙ୍ଗଳବାର ଦିନ ଦଶହରା ପୂଜା ଅନୁଷ୍ଠିତ ହେବ ଏବଂ ସଂନ୍ଧ୍ୟା ୮ ଘଂଟିକା ସମୟରେ ଘଟବିସର୍ଜନ ହେବ । ବୁଧବାର ଦିନ ପୌରାଣିକ ନାଟକ ମହାଭାରତ ଅନୁଷ୍ଠିତ ହେବ ଏବଂ ଗୁରୁବାର ଦିନ ସଂନ୍ଧ୍ୟା ୭ ଘଂଟିକା ଠାରୁ ଭୁବନେଶ୍ୱର ରେକର୍ଡ଼ ଡେନ୍ସ ଗ୍ରୁପ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି । ଷଷ୍ଠୀ ଦିନ ଠାରୁ ଘୁ.ଉଦୟଗିରିରେ ପାଗ ଭଲ ରହିଥିବା ବେଳେ ସହର ଚଳାଚଂଚଳ ଦେଖିବାକୁ ମିଳିଛି । ପାଗ ଭଲ ଯୋଗୁଁ ଅସ୍ଥାୟୀ ମଣ୍ଡପରେ ମାଁ ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ସମ୍ଭାବନାକୁ ଦେଖି ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ମାଁଙ୍କ ରୀତିନୀତି ଅନୁସାରେ ବରିଷ୍ଠ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ସୁଧାଂଶୁ ଆଚାର୍ଯ୍ୟ, ସଞ୍ଜୟ ଆଚାର୍ଯ୍ୟ ପୂଜା ପାଠ କରିଥିବା ବେଳେ କୈଳାଶ ଶତପଥୀ ଚଣ୍ଡୀ ପାଠ କରିଥିଲେ । ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ପ୍ରତାପ କୁମାର ପଣ୍ଡା, ସହ କର୍ତ୍ତା ଭାବେ ସନ୍ତୋଷ ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରୁଥିବା ବେଳେ । ପୂଜା ପରିଚାଳନା କମିଟି ଉପସଭାପତି ସଞ୍ଜୟ ଆଚାର୍ଯ୍ୟ, ସମ୍ପାଦକ ଭେଙ୍କଟେଶ୍ୱର ବେହେରା, ସହ ସମ୍ପାଦକ ପ୍ରଶାନ୍ତ ମୁନି, କୋଷାଧ୍ୟକ୍ଷ ସଞ୍ଜୟ ସୁବୁଦ୍ଧି କାର୍ଯ୍ୟକାରୀ ସଭ୍ୟ ଲକ୍ଷ୍ମଣ ଆଚାର୍ଯ୍ୟ, ଭୋଳା ସାମନ୍ତରାୟ, ନିରଞ୍ଜନ ମହାରଣା, ନିରଞ୍ଜନ ପଣ୍ଡା ଓ ଅନ୍ୟ ମାନେ ସହଯୋଗ କରୁଥିବା ଦେଖିବାକୁ ମିଳିଛି । ଦଶହରା ପୂଜା ଉତ୍ସବରେ ଭିଡ଼କୁ ଦୃଷ୍ଟିରେ ରଖି ସ୍ଥାନୀୟ ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶରେ ପୂଜା ମେଢ଼ ସହ ସହରର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି । ସାରା ସହରରେ ସୁଉଚ୍ଚ ତୋରଣ ସାଙ୍ଗକୁ ମୁଖ୍ୟ ମଣ୍ଡପରେ ଶୋଭପାଉଛି ସୁନ୍ଦର ତୋରଣ ଆଲୋକ ମାଳାରେ ଝଲଚୁଛି ସାରା ସହର ।

# ଇବ୍ ତଟ ସୌନ୍ଦର୍ଯ୍ୟକରଣ :
## ବ୍ରଜରାଜନଗରରେ ବଢ଼ିବ ପର୍ଯ୍ୟଟକଙ୍କ ଆକର୍ଷଣ

ଝାରସୁଗୁଡା,୨୪/୧୦(ନି/ପ୍ର): ବ୍ରଜରାଜନଗର ପୌରାଂଚଳ ଅନ୍ତର୍ଗତ ପ୍ରସିଦ୍ଧ ମା' ରାମଚଣ୍ଡୀ ମନ୍ଦିରର ପଛପଟ ଇବ୍ ନଦୀ ତଟରେ ଏକ ଆକର୍ଷଣୀୟ ନୂତନ ପିକନିକ୍ ସେଂଟର ତଥା ମନୋରଞ୍ଜନ କ୍ଷେତ୍ର ବିକଶିତ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ତତ୍ତ୍ୱାବଧାନ ଓ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଏବଂ ଏମ୍ସିଏଲ୍ ସିଏସ୍ଆର୍ ପାଣ୍ଠିର ସମନ୍ୱୟ ମାଧ୍ୟମରେ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସଫଳତାର ସହ କରାଯାଇଛି । ପୂର୍ବରୁ ଏହି ସ୍ଥାନଟି ଘଂଚ ଝାଡ଼ଜଙ୍ଗଲ ଓ ଅପରିଷ୍କାର ପରିବେଶ ମଧ୍ୟରେ ଅବ୍ୟବହୃତ ହୋଇ ପଡ଼ିରହିଥିଲା । ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏଠାରେ ପ୍ରାୟ ୪୦୦ ମିଟର ଦୀର୍ଘ ଜଙ୍ଗଲିଆ ରାସ୍ତାର ଉନ୍ନତିକରଣ କରାଯାଇ ପେଭର ବ୍ଲକ୍ ବିଛାଯାଇଛି ଏବଂ ଜନସାଧାରଣ ତଥା ଶ୍ରଦ୍ଧାଳୁଙ୍କ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ପାଇଁ ଓ୍ୱାକ୍-ଓ୍ୱେ ନିର୍ମାଣ କରାଯାଇଛି । ଏହାସହ ଏକ ମୁକ୍ତ ପରିବେଶ ମଧ୍ୟରେ ପିକ୍ନିକ୍ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ୩ଟି ସୁନ୍ଦର ପିଣ୍ଡି ନିର୍ମାଣ କରାଯାଇଛି । ଏହି ଉଲ୍ଲେଖନୀୟ ରୂପାନ୍ତରଣ ପଛରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଓ ସକ୍ରିୟ କାର୍ଯ୍ୟଶୈଳୀ ମୁଖ୍ୟ ଭୂମିକା ଗ୍ରହଣ କରିଛି । ପ୍ରକଳ୍ପର ପ୍ରାରମ୍ଭରୁ ହିଁ ଜିଲ୍ଲାପାଳ ନିଜେ କ୍ଷେତ୍ର ପରିଦର୍ଶନ କରିବା ସହ କ୍ରମାଗତ ଭାବେ ସମୀକ୍ଷା କରିଆସୁଥିଲେ । କାର୍ଯ୍ୟର ମାନ, ସୌନ୍ଦର୍ଯ୍ୟକରଣ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ କରିବା ଲାଗି ସେ ପୌରପାଳିକା ତଥା ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହିତ ନିରନ୍ତର ସମୀକ୍ଷା ବୈଠକ କରି ଆବଶ୍ୟକୀୟ ଦିଗଦର୍ଶନ ଦେଇଆସୁଥିଲେ । ଏହି ନୂତନ ପ୍ରକଳ୍ପ ଦ୍ୱାରା ବ୍ରଜରାଜନଗର ତଥା ଆଖପାଖ ଅଂଚଳରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଘଟିବା ସହ ଛୁଟିଦିନରେ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ସମୟ ବିତାଇବା ପାଇଁ ଏକ ପ୍ରାକୃତିକ ପରିବେଶ ସୃଷ୍ଟି ହୋଇପାରିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦ୍ୱିତୀୟ ପର୍ଯ୍ୟାୟରେ ଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ଟ୍ରାକ ନିର୍ମାଣ କରାଯିବ ସହିତ ଜନ ସାଧାରଣଙ୍କ ନିମନ୍ତେ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବାର ପ୍ରସ୍ତାବ ରହିଛି ।

# ଢୋଲ ଚଢ଼ି ନଦୀ ପାର ହେଲେ ଦେବୀ



ଦେଓଗାଁ,୨୪/୧୦(ନି/ପ୍ର) : ବଲାଙ୍ଗୀର ଜିଲ୍ଲାର ଚିର ଅବହେଳିତ ଦେଓଗାଁ ବ୍ଲକ ଜରାସିଂହାର ଇଷ୍ଟଦେବୀ ମାଁ ପାଟଖଣ୍ଡାଙ୍କ ଯାତ୍ରା ବିଜୟା ଦଶମୀ ଦିନ ଆରମ୍ଭ ହୋଇଯାଇଛି । ୫ ଦିନ ଧରି ଜାରି ରହିବାକୁ ଥିବା ଏହି ଯାତ୍ରା ଦେଖିବାକୁ ଏଥର ହୋଇଛି ଲୋକାରଣ୍ୟ । ଶହଶହ ଲୋକଙ୍କ ଗହଳିକୁ ଆସି ମାନସିକଧାରୀଙ୍କ ଗୁହାରୀ ଶୁଣୁଛନ୍ତି ଦେବୀ ପାଟଖଣ୍ଡା । ଏହି ପରିମ୍ପାରିକ ଯାତ୍ରା ଆଜିକାଲି କି ମାସେ କିମ୍ବା ବର୍ଷେ ଅବଧିର ନୁହେଁ, ୭୯୨ ବର୍ଷର ଏକ ଭବ୍ୟ ଓ ସମୃଦ୍ଧ ପରମ୍ପରା । ମାଁ ପାଟଖଣ୍ଡା ଯେମିତି ଅଂଚଳବାସୀଙ୍କ ସୁଖ, ଦୁଃଖ ଓ ଦୈନନ୍ଦିନ ଜୀବନଚର ?ୟା ସହ ଜଡ଼ିତ ତାଙ୍କ ଯାତ୍ରା ମଧ୍ୟ ସେମିତି ଲୋକଙ୍କ ଭାବନା, ଆଚାର, ବ୍ୟବହାର ସହ ଜଡ଼ିତ ହୋଇ ରହିଛି । ଦେଓଗାଁ ବ୍ଲକର ଜରାସିଂହା ନିକଟ ଦେଇ କାହିଁ କେଉଁ ଅବହମାନ କାଳରୁ ବହିଯାଇଛି ସୋନଗଡ଼ ନଦୀ । ନଦୀର ଗୋଟିଏ ପାର୍ଶ୍ୱରେ ଜନବସତି ରହିଥିବା ବେଳେ ଅପରପାର୍ଶ୍ୱରେ ରହିଛି ଦେଝାର ଜଙ୍ଗଲ । ଜଙ୍ଗଲ ଭିତରେ ଥିବା ଏକ ବହୁ ପୁରାତନ ମହୁଲ ଗଛର କୋରଡ଼ରେ ଅବସ୍ଥାପିତ ମାଁ ପାଟଖଣ୍ଡା ଦେବୀ । ତେବେ ଦେବୀଙ୍କ କୌଣସି ମୂର୍ତ୍ତି ନ ଥିବା ବେଳେ ପ୍ରତିକ ସ୍ୱରୂପ ରହିଛି ଏକ ୪ ଇଚଂ ଲମ୍ୱ ଓ ୧ ଇଚଂ ଦୌଘ୍ୟ ବିଶିଷ୍ଟ ଲୁହା ଖଣ୍ଡ ଯାହାକୁ ଦେଝାର ଜଙ୍ଗଲରେ ପୂଜା ପାଇଥାଏ । ବିଜୟା ଦଶମୀ ଦିନ ବରୁଆ ଦେହରେ ଦେବୀ ଆବିର୍ଭାବ ହେଲା ପରେ ଏହି ଲୁହର ପ୍ରତୀକ କୁ ପାଚଂଦିନ ଧରି ପାରମ୍ପରିକ ବଳି ଦେଇ ପୂଜା କରାଯିବାର ବିଧି ରହିଛି ।

# ସ୍ନେହସେତୁ କାର୍ଯ୍ୟକ୍ରମର ଆଉ ଏକ ସଫଳତା
## ଉତରପ୍ରଦେଶର ନିଖୋଜ ବ୍ୟକ୍ତିଙ୍କୁ ପରିବାର ସହ ପୁନଃମିଳନ କରାଇଲା ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ

ଝାରସୁଗୁଡ଼ା,୨୪/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ମାନବୀୟ ପଦକ୍ଷେପ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା 'ସ୍ନେହସେତୁ' କାର୍ଯ୍ୟକ୍ରମ ମାଧ୍ୟମରେ ଆଉ ଏକ ଅସହାୟ ପରିବାର ମୁହଁରେ ହସ ଫୁଟିଛି । ଉତରପ୍ରଦେଶରୁ ନିଖୋଜ ହୋଇଥିବା ମୁରାରୀ ଗୁପ୍ତା ନାମକ ଜଣେ ବ୍ୟକ୍ତିଙ୍କୁ ଜିଲ୍ଲା ପ୍ରଶାସନର ସହଯୋଗରେ ଆଜି ସଫଳତାର ସହ ତାଙ୍କ ପରିବାର ସଦସ୍ୟଙ୍କ ନିକଟକୁ ହସ୍ତାନ୍ତର କରାଯାଇଛି । ପ୍ରାପ୍ତ ସୂଚନା ଅନୁସାରେ, ଗତ ଅକ୍ଟୋବର ୧୪ ତାରିଖରେ ବେଲପାହାଡ଼ ଥାନା ପୋଲିସ ଦ୍ୱାରା ଅସହାୟ ଅବସ୍ଥାରେ ଥିବା ମୁରାରୀ ଗୁପ୍ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ଅଧୀନସ୍ଥ ଆଶ୍ରୟସ୍ଥଳୀରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ଉପଯୁକ୍ତ ଯତ୍ନ, ସ୍ୱାସ୍ଥ୍ୟ ପରୀକ୍ଷା ତଥା କାଉନସେଲିଂ ପ୍ରଦାନ କରାଯାଇଥିଲା । କାଉନସେଲିଂ ବେଳେ ସେ ନିଜ ଠିକଣା ଉତରପ୍ରଦେଶ ରାଜ୍ୟର କୁଶୀନଗର ଜିଲ୍ଲା ବୋଲି ପ୍ରକାଶ କରିଥିଲେ । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଦିଗଦର୍ଶନରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର 'ସ୍ନେହସେତୁ' କାର୍ଯ୍ୟକ୍ରମ ଜରିଆରେ ତୁରନ୍ତ ଉତରପ୍ରଦେଶର ସମ୍ପୃକ୍ତ ପ୍ରଶାସନ ଏବଂ ତାଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଇଥିଲା । ପରିବାର ସଦସ୍ୟଙ୍କ ସନ୍ଧାନ ମିଳିବା ପରେ ସେମାନଙ୍କୁ ଝାରସୁଗୁଡ଼ା ଆସିବା ପାଇଁ ସୂଚନା ଦିଆଯାଇଥିଲା । ଆଜି ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପରିସରରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜୁକ୍ତା ମେହେର ଏବଂ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ କାଗଜପତ୍ର ପ୍ରକ୍ରିୟା ଶେଷ କରାଯାଇ ମୁରାରୀଙ୍କୁ ତାଙ୍କ ପରିବାର ହାତରେ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଛି । ନିଜ ଆତ୍ମୀୟଙ୍କୁ ସୁସ୍ଥ ଓ ସୁରକ୍ଷିତ ଫେରିପାଇ ପରିବାରବର୍ଗ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ତଥା ସାମାଜିକ ସୁରକ୍ଷା ବିଭାଗକୁ କୃତଜ୍ଞତା ଜଣାଇଛନ୍ତି । ପରିବାର ସଦସ୍ୟଙ୍କ ସନ୍ଧାନ ମିଳିବା ପରେ ସେମାନଙ୍କୁ ଝାରସୁଗୁଡ଼ା ଆସିବା ପାଇଁ ସୂଚନା ଦିଆଯାଇଥିଲା ।

# ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଝାରସୁଗୁଡା,୨୪/୧୦(ନି/ପ୍ର) : ରେଙ୍ଗାଲି ଥାନା ଅନ୍ତର୍ଗତ ଦରିଢିପା ଗାଁରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତା ହେଲେ ଗ୍ରାମର ୭୨ ବର୍ଷୀୟା ପାର୍ବତୀ ଗର୍ଡିଆ । ସୂଚନା ଅନୁଯାୟୀ, ଗତକାଲି ପୂର୍ବାହ୍ଣରେ ପାର୍ବତୀ ଗାଁ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ଦୀର୍ଘ ସମୟ ପରେ ମଧ୍ୟ ସେ ଘରକୁ ଫେରି ନଥିବାରୁ ପରିବାର ଲୋକେ ଚିନ୍ତିତ ହୋଇ ପୋଖରୀ ନିକଟରେ ଖୋଜାଖୋଜି କରିଥିଲେ । ଗାଧୁଆ ତୁଠରେ ତାଙ୍କ ସାବୁନ ଓ ଲୁଗା ରଖାଯାଇଥିବା ଦେଖି ସେମାନଙ୍କର ସନ୍ଦେହ ହୋଇଥିଲା । ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ସେ ପୋଖରୀର ଗଭୀର ଜଳରେ ବୁଡ଼ି ଯାଇଥାଇ ପାରନ୍ତି ବୋଲି ପରିବାର ଲୋକେ ଆଶଙ୍କା କରିଥିଲେ । ଏନେଇ ସେମାନେ ରେଙ୍ଗାଲି ପୁଲିସକୁ ସୂଚନା ଦେଇଥିଲେ । ରେଙ୍ଗାଲି ଥାନା ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ପୁଲିସ ଓ ଲଖନପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଚିଂ ବହୁ ଖୋଖୋଜି କରିବା ପରେ ବିଳମ୍ବିତ ରାତିରେ ପୋଖରୀରୁ ପାର୍ବତୀଙ୍କ ମୃତଦେହ ଉଦ୍ଧାର କରିଥିଲେ । ପୁଲିସ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଓ ପଚଂନାମା ଶେଷ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ପଠାଇଛି । ଏହି ଘଟଣାରେ ରେଙ୍ଗାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ଝଣ୍ଡା ଛକରେ ସିଂହବାହିନୀ ଦୁର୍ଗାପୂଜା କମିଟି ପକ୍ଷରୁ ସିନ୍ଦୂର ଖେଳ

ଝାରସୁଗୁଡ଼ା,୨୪/୧୦: ଝାରସୁଗୁଡ଼ା ସହରର ଝଣ୍ଡା ଛକସ୍ଥିତ ସିଂହବାହିନୀ ଦୁର୍ଗାପୂଜା କମିଟି ପକ୍ଷରୁ ପବିତ୍ର ବିଜୟା ଦଶମୀ ଅବସରରେ ଆଜି ସିନ୍ଦୂର ଖେଳ ଉତ୍ସବ ପାରମ୍ପରିକ ରୀତିନୀତି ଓ ଭକ୍ତିମୟ ପରିବେଶରେ ପାଳନ କରାଯାଇଥିଲା । ଏହି ଅବସରରେ ମା' ଦୁର୍ଗାଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମହିଳାମାନେ ପରସ୍ପରକୁ ସିନ୍ଦୂର ଲଗାଇ ମା'ଙ୍କ ଆଶୀର୍ବାଦ କାମନା କରିଥିଲେ । ସିନ୍ଦୂର ଖେଳ ମାଧ୍ୟମରେ ମହିଳାମାନେ ସୁଖ, ସମୃଦ୍ଧି, ସୌଭାଗ୍ୟ ଓ ପାରିବାରିକ ମଙ୍ଗଳ କାମନା କରିବା ସହ ପରସ୍ପର ମଧ୍ୟରେ ଭାଇଚାରା ଓ ଏକତାର ବାର୍ତ୍ତା ଦେଇଥିଲେ । ଏହି ପାରମ୍ପରିକ ଉତ୍ସବ ଦୁର୍ଗାପୂଜାର ଆଧ୍ୟାତ୍ମିକ ମହତ୍ତ୍ୱକୁ ଉଜ୍ଜ୍ୱଳ କରିବା ସହ ଅଂଚଳରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି କରିଥିଲା । ସିଂହବାହିନୀ ଦୁର୍ଗାପୂଜା କମିଟିର ଏହି ଆୟୋଜନ ସ୍ଥାନୀୟ ଅଂଚଳର ଧାର୍ମିକ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ଆହୁରି ସମୃଦ୍ଧ କରିଥିଲା ।




# ଷ୍ଟିଲସିଟିରେ ମା’ ଦୁର୍ଗାଙ୍କ ମେଲାଣି ଯାତ୍ରା ଅନୁଷ୍ଠିତ



ରାଉରେକଲା,୨୪।୧୦(ନି/ପ୍ର): ରାଉରେକଲା ସହର ବିଭିନ୍ନ ପୂଜା ପେଣ୍ଡାଲେର ମା’ ଦୁର୍ଗାଙ୍କ ୪ଦିନ ପୂଜା ପାଇବା ପରେ ଗୋଟିଏ ଦିନ ବିଶ୍ରାମ ନେଇ ଶୁକ୍ରବାର ମେଲାଣି ଯାତ୍ରା ନୁଷ୍ଠିତ ହୋଇଯାଇଛି । ମା’ଙ୍କୁ ବିଦାୟ ହେବାକୁ ନେଇ ଭକ୍ତ ମନେର ଯେତିକି ବ୍ୟସ୍ତସ୍ଥା ରହିଥାଏ, ଗୋଟିଏ ସ୍ଥାନେର ଢଡ଼ିଏଠାେର ସହରର ସମସ୍ତ ମା’ଙ୍କ ମୃଣ୍ମୟୀ ମେଢ଼କୁ ଦଶର୍ନ କରିବାର ଉତ୍କଣ୍ଠା ରହିଥାଏ । ରାଉରେକଲା ସହର ତଥା ବନ୍ଧମୁଣ୍ଡା ଭଳି ଆଖପାଖ ଅଚଂଳର ମୋଟ ଶେହରୁ ଉର୍ଦ୍ଧ୍ୱ ମେଢ଼ ହେଉଥିବାରୁ ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ବିସଜର୍ନ ବେେଳ ବ୍ୟାପକ ବ୍ୟବସ୍ଥା ହୋଇଥାଏ । ବିଶ୍ରା ଛକ ଠାରୁ ବନ୍ଧମୁଣ୍ଡା ଅଚଂଳର ମୋଟ ୮ଟି ମେଢ଼ ହେଉଥିବା ବେେଳ ସେହି ସମସ୍ତ କମିଟି ପକ୍ଷରୁ ତିଳିକାନଗରେର ଥିବା ପୋଖରୀରେ ବିସଜର୍ନ ହୋଇଥିଲା । ସେହିପରି ଉଭୟ ଷ୍ଟିଲ ସିଟି ସହ ଆରଏମସି ଅଚଂଳର ପ୍ରାୟ ୧ଶହରୁ ଉର୍ଦ୍ଧ୍ୱ ମା’ଦୁର୍ଗାଙ୍କ ମେଢ଼ ହୋଇଥିବା ବେେଳ ସେକ୍ଟର-୧୩ ମେଲଣ ପଡ଼ିଆରେ ଭିତରକୁ ରାତି ୧୦ଟା ସୁଦ୍ଧା କେବଳ ୨ଟି ମା’ଙ୍କ ମୃଣ୍ମୟୀ ମୂର୍ତି ଭିତରକୁ ପସିଥିେଲ ।ପ୍ରଥମ ସେକ୍ଟର-୨ ଓ ଦ୍ୱିତୀୟେର ବିରାଜପାଲିର ମେଢ଼ ପସିଥିେଲ । ଏହି ସମସ୍ତ ମେଢ଼ ବିସଜର୍ନ ଲାଗି ସେକ୍ଟର-୧୩ ସ୍ଥିତ ମେଲଣ ପଡ଼ିଆରେ ସମସ୍ତ ମେଢ଼କୁ ଏକାଠି ହୋଇ ମାର୍କିଂ କରିବା ପରେ ବାଲୁଘାଟ ଅସ୍ଥାୟୀ ପୋଖରୀରେ ବିସଜର୍ନ କରାଯାଇଥାଏ । କିନ୍ତୁ ଅଧିକାଂଶ ମେଢ଼ ମେଲଣ ପଡ଼ିଆକୁ ନଆସି ସିଧାସଳଖ ବିସଜର୍ନ ସ୍ଥଳକୁ ଚାଲିଯାଉଥିେଲ । ସେକ୍ଟର-୧୩ ମେଲଣ ପଡ଼ିଆରେ ନିୟୋଜିତ କାର୍ଯ୍ୟକ୍ରମେର ଅତିଥି ଭାବେ ରାଉରେକଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ସୁନ୍ଦରଗଡ଼ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଭକ୍ତି ଓ ବିଶ୍ୱାସର ପ୍ରତୀକ ମା’ ଦୁର୍ଗାଙ୍କ ପୂଜା ଶାନ୍ତିଶୃଙ୍ଖଳରେ ହୋଇଥିବାରୁ ସହରବାସୀ, ପ୍ରଶାସନ ଓ ପୁଲିସକୁ ସାଧୁବାଦ ଜଣାଇଥିେଲ । ଏଥିସହ ପୁଣି ଆରବରଷକୁ ମା’ଙ୍କ ଅପେକ୍ଷା ବୋଲି କହିଥିେଲ । ଅନ୍ୟ ଅତିଥି ଭାେବ ଶ୍ରମିକ ନେତା ପ୍ରଶାନ୍ତ ବେେହରା, ସମାଜେସବୀ ପ୍ରଶାନ୍ତ ସେଠୀ, ପ୍ରାକ୍ତନ ସିପିସି ସାଧାରଣ ସମ୍ପାଦକ ଭବାନୀ, ଜ୍ୟୋତିରଞ୍ଜନ ମହାନ୍ତି, ଶଙ୍କର ଜେନା, ରାଜୀବ ତିହାରୀ ଓ ସିପିସି ସାଧାରଣ ସମ୍ପାଦକ ବୀେରନ୍ଦ୍ର ନାରାୟଣ ସ୍ୱାଇଁ ସାମିଲ ଥିେଲ । ଉପସଭାତି ଷ୍ଟିଲ ଟାଉନସିପ ଜୋନ ଉପସଭାପତି ଶ୍ରୀକାନ୍ତ ରାୟ, ସିଭିଲ ଟାଉନସିପ୍ ଉସଭାପତି ଧର୍ମେନ୍ଦ୍ର ଦୁବେ, ଫର୍ଟିଲାଇଜର ଟାଉନସିପି ଜୋନର ଉସଭାପତି ଦିଲିପ ଜେନା, ସିପିସି କୋଷାଧକ୍ଷ ବିଶ୍ୱନାଥ ଯେ, ଯୁଗ୍ମ ସମ୍ପାଦକ ପଙ୍କଜ ସାମଲ, ପ୍ରକାଶ ଧଳଙ୍କ ସହ କାର୍ଯ୍ୟକାରୀ ସଂସଛ ନିହାର ରଞ୍ଜନ ସମାନ୍ତରାୟ, ଉପଦେଷ୍ଟା ରବୀନ୍ଦ୍ର ବାରିକ, କାତିର୍କ ଚନ୍ଦ୍ର ଖଣ୍ଡୁଆଳ, ରାହୁଲ ରାୟ,ଉପସ୍ଥିତ ଥିେଲ । କାର୍ଯ୍ୟକ୍ରମକୁ ଝିଲିମା ମହାନ୍ତି ପରିଚାଳନା କରିଥିେଲ । ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ଅବସରେର ଅନେକ ଶ୍ରଦ୍ଧାଳୁ ରିଂ ରୋଡ୍‌ର ଉଭୟ ପାର୍ଶ୍ୱର୍ରେ ଛିଡ଼ା ହୋଇ ମା’ଙ୍କ ଦଶର୍ନ କରିଥିେଲ । ସୂଚନାଥାଉକି, ଗତବର୍ଷ ରାତି ୧୦ଟା ସୁଦ୍ଧା ମାତ୍ର ୫ଟି ମା’ଙ୍କ ତିନିଟି ମେଢ଼ ସେକ୍ଟର-୧୩ ମେଲଣ ପଡ଼ିଆରେ ମେଲାଣି ଯାତ୍ରା ଅନୁଷ୍ଠିତ ହୋଇାଥଲା ।

# ବଡ଼ ଧରଣର ହିଂସାକାଣ୍ଡ ଯୋଜନା ପଣ୍ଡ

## ଧରାହେଲେ ପିଏଲଏଫଆଇ ଜୋନାଲ କମାଣ୍ଡର ବିଶ୍ରାମ କୋଙ୍ଗାଡି



ରାଉରକେଲା,୨୪/୧୦(ନି/ପ୍ର): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ନକ୍ସଲମୁକ୍ତ ହେବା ପରେ ମାତିଛନ୍ତି ପିଏଲଏଫଆଇ । ବଡ଼ ଧରଣର ହିଂସାକାଣ୍ଡ ଭିଆଇବାକୁ ଯୋଜନା କରୁଥିବା ପିଏଲ୍‌ଏଫଆଇର ଜୋନାଲ କମାଣ୍ଡର ବିଶ୍ରାମ କୋଙ୍ଗାଡି ଓ ତା’ର ତିନି ସହଯୋଗୀକୁ ଗୁମ୍ଲା ପୁଲିସ ଗିରଫ କରିଛି । ଗିରଫ କମାଣ୍ଡର କୋଙ୍ଗାଡି ଖୁଣ୍ଟି ରାନିଆ ଥାନା ଅନ୍ତର୍ଗତ ତାଛୁ ପୁରୁଣାପାଣିର ବୋଲି ଜଣାପଡିଛି । ଗିରଫ ଅଭିଯୁକ୍ତ ୬୬ କାମଦରା ଟୁୟୁଟୋଳିର ଆଗର ସୁରିନ (୩୪), ସରିତା ଜେରାଟୋଳିର ଏତଓ୍ୱା କୋଙ୍ଗାଡି ଓରଫ୍ ଏତଓ୍ୱା ମାଷ୍ଟର, ପଶ୍ଚିମ ସିଂହଭୂମ ଗଡକେଓ୍ୱାର ଅର୍ପିତ ଟପ୍ରୋ ଓରଫ୍ ବେଣ୍ଡା (୨୨) । ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ବନ୍ଧୁକ, ଗୋଟିଏ ରିଭଲଭର ଓ ସାତ ଅଫୁଟା ଗୁଳି ଜବତ ହୋଇଛି । ଏମାନଙ୍କ ନାଁରେ ଗୁମ୍‌ଲା, ସିମ୍‌ଡେଗା, ଖୁଣ୍ଟି ଓ ଅନ୍ୟାନ୍ୟ ଜିଲ୍ଲାରେ ଏକାଧିକ ଅପରାଧିକ ମାମଲା ରହିଛି । ଜୋନାଲ କମାଣ୍ଡର ବିଶ୍ରାମ ନାଁରେ ତିନିଟି ଜିଲ୍ଲାରେ ମୋଟ ୩୫ଟି ଅପରାଧିକ ମାମଲା ରହିଥିବା ପୁଲିସ କହିଛି । ଗତକାଲି ସକାଳେ ବିଶ୍ରାମ ଓ ତା’ର ସହଯୋଗୀମାନେ କାମଦରା ଥାନା ଅନ୍ତର୍ଗତ ବୋଙ୍ଗାଡା ଗାଁ ନିକଟସ୍ଥ ନିଛାଟିଆ ସ୍ଥାନରେ ବଡ଼ଧରଣ ଅପରାଧିକ କାର୍ଯ୍ୟ କରିବାକୁ ଯୋଜନା କରୁଥିଲେ । କୌଣସି ସୂତ୍ରରୁ ଗୁମ୍‌ଲା ପୁଲିସ ସୂଚନା ପାଇଁ ଚଢ଼ଉ କରିଥିଲା । ଗିରଫ ୪ ପିଏଲ୍‌ଫଆଇ ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ପୁଲିସ ଟିମ୍ ସ୍ଥାନୀୟ ଅଚଂଳରେ ଚଢ଼ଉ ଜୋରଦାର କରିଛନ୍ତି ।

## ଡାଣ୍ଡିଆପାଲିରେ ଦୁର୍ଗୋତ୍ସବର ସମାପ୍ତ : ମା’ଙ୍କ ବିଦାୟରେ ମହିଳାମାନଙ୍କ ଆଖି ହେଲା ଓଦା



ରାଉରକେଲା,୨୪/୧୦: ଡାଣ୍ଡିଆପାଲି ଦୟାନନ୍ଦ ନଗରରେ ଶୁକ୍ରବାର ଦିନ ମା’ ଦୁର୍ଗାଙ୍କ ପ୍ରତିମା ବିସର୍ଜନ ସହିତ ଦୁର୍ଗାପୂଜା ଉତ୍ସବ ଶେଷ ହୋଇଛି । ଏହି ଅବସରରେ ବିଭିନ୍ନ ପୂଜା ପଣ୍ଡାଲରେ ସୌଭାଗ୍ୟବତୀ (ସୁହାଗିନ୍) ମହିଳାମାନେ ପାରମ୍ପରିକ ‘ସିନ୍ଦୂର ଖେଳା’ ରୀତି ନୀତି ପାଳନ କରିଥିଲେ । ମା’ ଦୁର୍ଗାଙ୍କ ବିଦାୟ ସମୟରେ ପୂଜା ପଣ୍ଡାଲଗୁଡ଼ିକରେ ଭକ୍ତିମୟ ପରିବେଶ ମଧ୍ୟରେ ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଅବସରରେ ମହିଳାମାନେ ପ୍ରଥମେ ମା’ ଦୁର୍ଗାଙ୍କୁ ସିନ୍ଦୂର ଅର୍ପଣ କରି ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଏବଂ ଆରତୀ କରିଥିଲେ । ଏହାପରେ ପରସ୍ପରର ମଥା ଓ ମୁହଁରେ ସିନ୍ଦୂର ଲଗାଇ ସିନ୍ଦୂର ଖେଳା ପରମ୍ପରା ପାଳନ କରିଥିଲେ । ଏହି ସମୟରେ ମହିଳାମାନେ ଅଖଣ୍ଡ ସୌଭାଗ୍ୟ, ସୁଖୀ ଦାମ୍ପତ୍ୟ ଜୀବନ ତଥା ପରିବାରର ସୁଖ-ସମୃଦ୍ଧି ପାଇଁ କାମନା କରିଥିଲେ । ପାରମ୍ପରିକ ପୋଷାକରେ ସଜ୍ଜିତ ମହିଳାମାନଙ୍କ ମଧ୍ୟରେ ସିନ୍ଦୂର ଖେଳାକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ସମଗ୍ର ପୂଜା ପଣ୍ଡାଲ ମା’ ଦୁର୍ଗାଙ୍କ ଜୟକାର ଏବଂ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା । ତଥାପି, ଯେତେବେଳେ ମା’ଙ୍କୁ ବିଦାୟ ଦେବାର ସମୟ ଆସିଲା, ସେତେବେଳେ ପରିବେଶ ଭାବୁକ ହୋଇପଡ଼ିଥିଲା । ଅନେକ ମହିଳାଙ୍କ ଆଖି ଲୁହରେ ଭିଜିଯାଇଥିଲା ଏବଂ ଶ୍ରଦ୍ଧାଳୁମାନେ ଓଦା (ଲୁହଭରା) ଆଖିରେ ମା’ ଦୁର୍ଗାଙ୍କୁ ବିଦାୟ ଦେଇଥିଲେ । ଏହି ସମୟରେ ଭକ୍ତମାନେ ମା’ ଦୁର୍ଗାଙ୍କ ନିକଟରେ ପରିବାର ଏବଂ ସମାଜର ମଙ୍ଗଳ ପାଇଁ ପ୍ରାର୍ଥନା କରିବା ସହିତ ଆଗାମୀ ବର୍ଷ ପୁଣି ଆସିବା ପାଇଁ କାମନା କରିଥିଲେ ଏବଂ ବାଦ୍ୟଯନ୍ତ୍ର ସହିତ ମା’ ଦୁର୍ଗାଙ୍କ ପ୍ରତିମା ବିସର୍ଜନ କରିଥିଲେ । ଏହା ସହିତ ଡାଣ୍ଡିଆପାଲି ଦୟାନନ୍ଦ ନଗରରେ ଶାରଦୀୟ ଦୁର୍ଗୋତ୍ସବ ସମାପ୍ତ ହୋଇଛି ।

# କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳିତ



ରାଉରକେଲା,୨୪/୧୦(ନି/ପ୍ର): ଆଜି ତା-୨୪/୧୦/୨୦୨୬ରିଖ ଦିନ ୧୧ଘଟିକ ସମୟରେ ସଂଘ ଗୃହରେ ପୂର୍ବତନ ସଭାପତି କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା । ଉକ୍ତ ବୈଠକ ରେ ସଂଘ ଉପଦେଷ୍ଟା ଦେବେନ୍ଦ୍ର ନାଥ ଆଚାର୍ଯ୍ୟ ଓ ରାଜ୍ୟ ଉପସଭାପତି ବାବୁଲା କୁମାର ଦାସ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଉପରେ ଆଲୋଚନା କରିଲେ । ଉକ୍ତ ବୈଠକ ରେ ରାଉରକେଲା ସଂଘର ସମ୍ପାଦକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଆରତ ଷଣ୍ଢ ବାସୁଦେବ ନାୟକ,ଦିନେଶ ମହାନ୍ତି, ସୁଶାନ୍ତ ମହାଳିକ, ତାପସ ଘୋଷାଲ, ମଙ୍ଗଳ ଗଣ୍ଡ, ବିନୋଦ ଷଣ୍ଢ,ରୀତାନାୟକ,ଗୀତା ଷଣ୍ଢ, ଗୋକୁଲ ସାଗର, ହେମଲତା,ଜୟନ୍ତୀ, ସୁନ୍ଦରୀ, ରଜନୀ,ସଂତୋଷିନି, ବେବି,ରାଜୁ, କେଦାର, ପିଣ୍ଟୁ, ମଟ୍ଟୁ, ରାଜକୁମାରୀ, ସୁକନ୍ୟା ସମସ୍ତ କର୍ମକର୍ତାମାନେ ଉପସ୍ଥିତ ରହି ସ୍ୱର୍ଗତ କୃଷ୍ଣ ଚନ୍ଦ୍ରପାତ୍ରଙ୍କ ଫଟୋ ରେ ପୁଷ୍ପାଞ୍ଜଳି ଦେଇଥିଲେ ।ଶେଷରେ ସମ୍ପାଦକ ସୁବାସ ପାଣିଗ୍ରାହୀ ଧନ୍ୟବାଦ ଦେଇ ସଭାକୁ ଭଙ୍ଗ କରିଥିଲେ ।

# ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ବାହାରିଲା ଭବ୍ୟ କଳସ ଶୋଭାଯାତ୍ରା



ରାଉରକେଲା,୨୪/୧୦(ନି/ପ୍ର): ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତବାର୍ଷିକୀର ପବିତ୍ର ଅବସରରେ ଗୋପବନ୍ଧୁପଲ୍ଲୀସ୍ଥିତ ମା’ ବୈଷ୍ଣୋଦେବୀ ମନ୍ଦିର ପରିସରରେ ଅକ୍ଟୋବର ୨୪ ଓ ୨୫ ତାରିଖ ୨୦୨୬ରେ ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସହ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଦୁଇଦିନିଆ ଏହି ଧାର୍ମିକ କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା, ଦୀପ ପ୍ରଜ୍ୱଳନ, ପ୍ରଜ୍ଞା ହବନ ଏବଂ ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସମେତ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । କାର୍ଯ୍ୟକ୍ରମର ପ୍ରଥମ ଦିନ ଶନିବାର ସକାଳ ୯ଟାରେ ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରିଥିଲା । ଆକର୍ଷଣୀୟ ପ୍ରଜ୍ଞା ଝାଙ୍କି ଓ ଯୁଗ ସଙ୍ଗୀତ ସହ ଏହି ଶୋଭାଯାତ୍ରା ମାଲଗୋଦାମସ୍ଥିତ କାଳୀ ମନ୍ଦିରରୁ ବାହାରି ରେଳବାଇ କଲୋନୀର ମୁଖ୍ୟ ରାସ୍ତା ଦେଇ ମା’ ବୈଷ୍ଣୋଦେବୀ ମନ୍ଦିର ପରିସରରେ ପହଚିଂ ଥିଲା । ଏହି ଶୋଭାଯାତ୍ରା ମାଧ୍ୟମରେ ସାଧାରଣ ଲୋକଙ୍କ ମଧ୍ୟରେ ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ଚେତନାର ବାର୍ତା ପ୍ରଚାର କରାଯାଇଥିଲା । ବିଭିନ୍ନ ସ୍ଥାନରେ ପୁଷ୍ପବୃଷ୍ଟି କରି ଶୋଭାଯାତ୍ରାକୁ ସ୍ୱାଗତ କରାଯିବା ସହ ଶ୍ରଦ୍ଧାଳୁଙ୍କୁ ଜଳଖିଆ ବଟଂନ କରାଯାଇଥିଲା । ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କ୍ରମରେ ଅକ୍ଟୋବର ୨୫ ତାରିଖ ରବିବାର ସକାଳ ୯ଟାରେ ପ୍ରଜ୍ଞା ହବନ ଓ ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ । ଯଜ୍ଞ ମାଧ୍ୟମରେ ବିଶ୍ୱକଲ୍ୟାଣ, ମାନବ ଜୀବନରେ ସଦ୍‌ବୁଦ୍ଧି, ସୁଖ, ଶାନ୍ତି, ସଦ୍‌ଭାବନା ଓ ଜନକଲ୍ୟାଣ କାମନା କରାଯିବ । ଆଧ୍ୟାତ୍ମିକ ଜାଗରଣ ସହ ସମାଜରେ ନୈତିକ ମୂଲ୍ୟବୋଧ, ସଂସ୍କାର ଏବଂ ଭାରତୀୟ ସଂସ୍କୃତି ପ୍ରତି ସଚେତନତା ବୃଦ୍ଧି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ନିତ୍ୟାନନ୍ଦ ଦାସ, ଟ୍ରଷ୍ଟି ପ୍ରମୋଦ ଅଗ୍ରଓ୍ୱାଲ, ନାରୀ ଜାଗରଣ ପ୍ରମୁଖ ନିର୍ମଳା ଦେବୀ, ଯଜ୍ଞ କମିଟିର ସଭାପତି ଚନ୍ଦ୍ରଦୀପ ସାହୁ, ଉପସଭାପତି କୁନୁ ଯାଦବ, ମହାସଚିବ ଲାଲସାଗର ଚୌହାନ, ସଂଯୋଜନା ସଚିବ ସୋନୁ ଚୌଧୁରୀ ଓ ସୁରେଶ ସିଂହ ବାବାଙ୍କ ସମେତ ଅନ୍ୟମାନେ ସହଯୋଗ କରୁଛନ୍ତି ।

# ଉଚ୍ଚପଦାରେ ଭଷାଣି ଉତ୍ସବ

ଭଦ୍ରକ,୨୪/୧୦(ନି/ପ୍ର): ଶୁକ୍ରବାର ଧାମନଗର ବ୍ଲକ ଗଡ଼ିଆଳି ପଂଚାୟତ ଅଧୀନ ଉଚ୍ଚପଦା ସେନ ସାହିରେ ଦେବୀ ଦୁର୍ଗାଙ୍କ ଭଷାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ସ୍ଥାନୀୟ ସେନ ସାହି ପୂଜା ମଣ୍ଡପରୁ ମା‘ଜଗତଜନନୀଙ୍କ ବିଶାଳ ଏବଂ ଭବ୍ୟ ଶୋଭାଯାତ୍ରା ଆଜି ସନ୍ଧ୍ୟାରୁ ବାହାରିବା ପରେ ଏହା ଅସୁରାଳି ବଜାର ଉଚ୍ଚପଦା ଛକ ସ ମିଲ ଛକ ଆଦି ଦେଇ ରେବ ନଦୀ ପର୍ଯ୍ୟନ୍ତ ଯାଇଥିଲା ।ସେଠାରେ ପୂଜା କମିଟିର କର୍ମକର୍ତାଙ୍କ ମହିଳାମାନେ ବିସର୍ଜନ ପୂର୍ବକ ମା’ଙ୍କୁ ମେଲାଣି ଦେଇଥିଲେ ।ଶୋଭାଯାତ୍ରାରେ ପାରମ୍ପାରିକ ବାଦ୍ୟ ଦଳକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ।ଏଥିରେ କୀର୍ତନ ଦଳ,ଢୋଲ ଏବଂ ଭାଙ୍ଗଡ଼ା ବାଜା ସମେତ ଆଲୋକର ସରଞ୍ଜାମ ସାମିଲ ହୋଇଥିଲା ।ପୂଜା କମିଟିର ସଭାପତି ରମେଶ ଚନ୍ଦ୍ର ସେନ,ସମ୍ପାଦକ ଭରତ ଚନ୍ଦ୍ର ସେନ,ପ୍ରମୋଦ ପୁରୁଖାତ,ଭବାନୀ ଶଙ୍କର ସେନ,ସୌମ୍ୟ ସେନ,ବିକ୍ରମ ସେନ,ସୁକାନ୍ତ ଲେଙ୍କା,ଶରତ ଲେଙ୍କା,ଫଂଟୁ ଗୋପାଳ ପୁରୁଖାତ,ଧନେଶ୍ୱର ଲେଙ୍କା,ପ୍ରକାଶ ମଙ୍କର,ତପନ ସେଠୀ,ଶ୍ରୀଧର ସେନ,ସୁବ୍ରତ ଲେଙ୍କା,ଧର୍ମରାଜ୍ ଲେଙ୍କା ପ୍ରମୁଖ ଭଷାଣି ଉତ୍ସବ ପରିଚାଳନା କରିଥିଲେ ।ଆଖପାଖ ଅଂଚଳର ବହୁସଂଖ୍ୟକ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ ।

# କୋକ୍ ଓଭନ୍ସ, ବ୍ୟାଟେରୀ-୬ ର ‘କର୍ମବୀର’ କ୍ୱାଲିଟି ସର୍କଲ୍ ଦ୍ୱାରା ସି.ଡି.ସି.ପି ର କାର୍ଯ୍ୟକ୍ଷମ ବିଶ୍ୱସନୀୟତାରେ ବୃଦ୍ଧି



ରାଉରକେଲା,୨୪/୧୦(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି)ର କୋକ୍ ଓଭନ୍ସ, ବ୍ୟାଟେରୀ-୬ର କର୍ମବୀର କ୍ୱାଲିଟି ସର୍କଲ୍ “ସି.ଡି.ସି.ପି ର ଡାଉନ୍‌ଟାଇମ୍ ହ୍ରାସ କରିବା” ଶୀର୍ଷକ ଏକ କ୍ୱାଲିଟି ସର୍କଲ୍ ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । କ୍ଷତିଗ୍ରସ୍ତ ଏକ୍ସପ୍ଲୋଜନ୍ ଫ୍ଲାପ୍ ବଦଳାଇବା ସମୟରେ ସି.ଡି.ସି.ପି ଚାମ୍ବରର ଅନୁପଲବ୍ଧତା ସମୟ (ଡାଉନ୍‌ଟାଇମ୍) ହ୍ରାସ କରିବା ଉପରେ ଏହି ପ୍ରକଳ୍ପ କେନ୍ଦ୍ରୀଭୂତ ଥିଲା । ଏହି କ୍ୱାଲିଟି ସର୍କଲ୍ ଦଳ ସମସ୍ୟାର ଏକ ପ୍ରଣାଳୀବଦ୍ଧ ବିଶ୍ଳେଷଣ କରିଥିଲେ, ପ୍ରଚଳିତ ପରିବର୍ତ୍ତନ ପଦ୍ଧତିର ସମୀକ୍ଷା କରିଥିଲେ, ଚାମ୍ବର ଅନୁପଲବ୍ଧତାର ମୁଖ୍ୟ କାରଣଗୁଡ଼ିକୁ ଚିହ୍ନଟ କରିଥିଲେ ଏବଂ ଫ୍ଲାପ୍ ପରିବର୍ତ୍ତନର ଏକ ନିରାପଦ ଓ ଅଧିକ ଦକ୍ଷ ପଦ୍ଧତି ଅନୁସନ୍ଧାନ କରିଥିଲେ । ଏକ ସୁଧାର ସ୍ୱରୂପ, ଦଳ ଉପଯୁକ୍ତ ସକ୍‌ସନ୍ ଏବଂ କାର୍ଯ୍ୟକ୍ଷମ ପରିସ୍ଥିତି ବଜାୟ ରଖି ମିଲ୍ ଫ୍ୟାନ୍ କୁ ବନ୍ଦ ନ କରି ୨୪-ମିଟର ଏକ୍ସପ୍ଲୋଜନ୍ ଫ୍ଲାପ୍ ବଦଳାଇବା ପାଇଁ ଏକ ନିରାପଦ ପ୍ରକ୍ରିୟା ବିକଶିତ କରିବା ସହ ସଫଳତାର ସହ କାର୍ଯ୍ୟକାରୀ କରିଥିଲେ । ଏହାର ପରିଣାମ ସ୍ୱରୂପ, ପ୍ରତି ଫ୍ଲାପ୍ ପରିବର୍ତ୍ତନ ସମୟରେ ହାରାହାରି ସି.ଡି.ସି.ପି ଚାମ୍ବର ଅନୁପଲବ୍ଧତା ୮୦.୯ ମିନିଟ୍‌ରୁ ୧୫.୩ ମିନିଟ୍‌କୁ ହ୍ରାସ ପାଇଥିଲା, ଏବଂ ଏହି କାର୍ଯ୍ୟକଳାପ ସହିତ ଜଡ଼ିତ ପୁନିଂ ଡ୍ରପ୍ ସମ୍ପୂର୍ଣ୍ଣ ରୂପେ ଦୂର ହୋଇଯାଇଥିଲା । ଏହି ସୁଧାର ଦ୍ୱାରା ନିରବଚ୍ଛିନ୍ନ କାର୍ଯ୍ୟଶୈଳୀ, ଯନ୍ତ୍ରପାତିର ଉପଲବ୍ଧତା ଏବଂ ଅଧିକ ନିରାପଦ କାର୍ଯ୍ୟ ପ୍ରଣାଳୀ ବୃଦ୍ଧି ପାଇବା ସହ ଆନୁମାନିକ ୨୭ ଲକ୍ଷ ଟଙ୍କାର ଆର୍ଥିକ ଲାଭ ହୋଇଥିଲା । ଏହି ପ୍ରକଳ୍ପ ସୁରକ୍ଷା, ଦଳଗତ କାର୍ଯ୍ୟ, ପ୍ରଣାଳୀବଦ୍ଧ ସମସ୍ୟା ସମାଧାନ, ନବସୃଜନ ଏବଂ ନିରନ୍ତର ସୁଧାର ପ୍ରତି କ୍ୱାଲିଟି ସର୍କଲ୍ ଦଳର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । କର୍ମବୀର ଦଳରେ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ କୁଳମଣି ସାହୁ ଓ ଶ୍ରୀ ଦୀପକ କୁମାର ଦେ ଏବଂ ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ସଞ୍ଜୟ କୁମାର ସାହୁ ଓ ଶ୍ରୀ ଅଶ୍ୱିନୀ କୁମାର ବେହେରା ସାମିଲ ଥିଲେ । କୋକ୍ ଓଭନ୍ସର ଉପପ୍ରବନ୍ଧକ ଶ୍ରୀ ଗୋପାଳ ବର୍ମା ଫାସିଲିଟେଟର ଭାବରେ କାର୍ଯ୍ୟ କରିଥିଲେ ।


**Affidavit**

I SWAPNIKA BEHERA, aged about 24 years, D/o.Dillip Kumar Behera, resident of Qrs.No.C2L2-100, Chhend Colony, Rkl-769015, P.S.-Chhend, Dist:Sundargarh, Odisha, declare by this affidavit No-A/38, Dated:28/8/26, that now my father shall be known as **DILLIP KUMAR BEHERA** for all future purposes.


# ୨୬ତମ କିସାନ ମେଳା ୨୦୨୬ ଅନୁଷ୍ଠିତ




ରାଉରକେଲା,୨୪/୧୦(ନି/ପ୍ର): ଝିରପାଣି ସ୍ଥିତ ବିଜୟ କ୍ଲବ ପଡିଆଠାରେ ଅନୁଷ୍ଠାନର ସଭାପତି ସମାଜସେବୀ ସୁଶିଲ କିଣ୍ଡୋ ଙ୍କ ଆବାହକତ୍ୱରେ ୨୬ ତମ କିସାନ ମେଳା ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି । ତିନି ଦିନ ଧରି ଚାଲିଥିବା ଏହି ମେଳାରେ ରଘୁନାଥପାଲୀ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ର ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି,କିସାନ ସମାଜର ମହାବେଲ ଇଶାକ ଲାକ୍ରା, ମହାଦେଓ୍ୱାନ ସୁଶିଲ ଲାକ୍ରା, ସାଧାରଣ ସମ୍ପାଦକ ଜନ୍ ଅମ୍ରିତ କୁଜୁର, ଜନ୍ ମାଝୀ,ହରମନ ବଡା, ଇଗ୍ନେସ ଏକ୍କା, ଦେବାନନ୍ଦ ଖେସ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ କିସାନ ମେଳାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ନୃତ୍ୟ, ସଂଗୀତ,ହକି, ଫୁଟବଲ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ହକି ରେ ପ୍ରାୟ ୪୦ ଟି ଦଳ ଓ ଫୁଟବଲ ପ୍ରତିଯୋଗିତାରେ ୫୨ ଟି ଦଳ ଅଂଶଗ୍ରହଣ କରିଥିଲେ । ହକି ଖେଳରେ କଗଡା ଓ କଲିଜାପଥ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା । ଶେଷରେ କଗଡା ଦଳ ବିଜୟୀ ହୋଇ ପୁରସ୍କାର ସ୍ୱରୂପ ଏକ ଖାସୀ ଲାଭକରିଥିଲେ । ସେହିପରି ଫୁଟବଲ ପ୍ରତିଯୋଗିତା ମାଣ୍ଡିଆକୁଦର ବି ଓ କାନ୍ସବାହାଲ ଠୁମକପଡା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା । ଏଥିରେ ଠୁମକପଡା ଦଳ ବିଜୟୀ ହୋଇଥିଲା । ଚମ୍ପିୟାନ ଦଳକୁ ଏକ ଖାସୀ ପ୍ରଦାନ କରାଯାଇଥିଲା । ଅନୁରୂପ ଭାବେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସିଟି ଜିଏସଟି ର ଯୁଗ୍ମ କମିଶନର ଅଭୟ ଭୀମସେନ ମିଞ୍ଜ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପ୍ରାରମ୍ଭରେ ସଭାପତି ଶ୍ରୀ କିଣ୍ଡୋ ଅନୁଷ୍ଠାନର ଲକ୍ଷ୍ୟ, ସମସ୍ତଙ୍କ ମଧ୍ୟରେ ଭାଇଚାରା ତଥା ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ଓ ସର୍ବୋପରି କିସାନ ସମାଜର ଯୁବଗୋଷ୍ଠୀଙ୍କ ମଧ୍ୟରେ ଥିବା କଳା କୌଶଳକୁ ବିକଶିତ କରିବା ଲାଗି ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ମେଳାକୁ ଉପଭୋଗ କରିବା ପାଇଁ ସ୍ଥାନୀୟ ଅଚଂଳର ସହସ୍ରାଧିକ ଜନସାଧାରଣ ଯୋଗଦେଇ ଥିଲେ । ନର୍ବଟ ତିର୍କି,ସୁମାନ କିଣ୍ଡୋ, ଜୟପ୍ରକାଶ ଲାକ୍ରା, ପ୍ରମୋଦ କୁଜୁର, ସୁଦୀପ କୁଜୁର,ଇମ୍ରାନ ଖେସ, ମାର୍ଟିନ ଲାକ୍ରା,ଅମିତ ଲାକ୍ରା, ପ୍ରଫୁଲ୍ଲ କୁଜୁର, ମ୍ୟାଥିଡିଉସ ମାଝୀ, ସୁଶିଲ ଏକ୍କା,ବୋର୍ନାଟ ଲାକ୍ରା,ତସକଲ ଲାକ୍ରା,ପୁନିତା ଲାକ୍ରା,ମେରୀ ପୁଷ୍ପିତା ତିର୍କି, ବିପିନ କୁଜୁର,ମାରିନେସ କୁଜୁର, ପାସକଲ ଲାକ୍ରା,ଦିବ୍ୟା କୁଜୁର, ଦେବିଟ୍ ଲାକ୍ରା,ଆଗାପିଟ ଟପ୍ପୋ, ରବର୍ଟ ଲାକ୍ରା,ଅଜିତ ଲାକ୍ରା,କିରଣ ଲାକ୍ରା,ସଞ୍ଜୁ ବାରଓ୍ୱା ଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶ୍ରୀ କିଣ୍ଡୋ ଧନ୍ୟବାଦ ଅର୍ପଣ କରିଥିଲେ ।